ଅମ୍ପାୟାରଙ୍କ ସହ ଯୁକ୍ତିତର୍କ
ବିରାଟଙ୍କ ୫୦% ମ୍ୟାଚ୍ ଫି' କଟିଲା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

The Sambad Kalika

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୮୬ ● ୨୩ ଅପ୍ରେଲ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-86 ● 23rd April 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24

ରେକର୍ଡ ଭାଙ୍ଗିଲା ଭୁବନେଶ୍ୱର ତାତି, ୪୩.୮ ସେଲ୍‌ସିୟସରେ ସବୁଠାରୁ ଉତ୍ତପ୍ତ

ଭୁବନେଶ୍ୱର, ୨୨।୪
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ସ୍ଥାନରେ କମିଲା ତାତି, ଆଉ ତାତିରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି । ସୋମବାର ରାଜ୍ୟର ୧୭ ସହରରେ ଦିନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିବା ବେଳେ ୪୩.୮ ଡିଗ୍ରୀ ସେଲସିୟସ ସହ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି । ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ମୁତାବକ ଭୁବନେଶ୍ୱରରେ ୪୩.୮ ଡିଗ୍ରୀ ସେଲସିୟସ, ପାରଳାଖେମୁଣ୍ଡିରେ ୪୨.୯ ଡିଗ୍ରୀ ସେଲସିୟସ, ବାରିପଦାରେ ୪୨.୬ ଡିଗ୍ରୀ



ସେଲସିୟସ, ନୂଆପଡାରେ ୪୨.୪ ଡିଗ୍ରୀ ସେଲସିୟସ, କେନ୍ଦ୍ରାପଡାରେ ୪୧.୮ ଡିଗ୍ରୀ ସେଲସିୟସ, ଜଗତସିଂହପୁରରେ ୪୧.୬ ଡିଗ୍ରୀ ସେଲସିୟସ, ଭଦ୍ରକ ଓ ଯାଜପୁରରେ ୪୧ ଡିଗ୍ରୀ, ବୌଦ୍ଧରେ ୪୦.୮ ଡିଗ୍ରୀ ସେଲସିୟସ, ବାଲେଶ୍ୱର, ଅନୁଗୋଳରେ ୪୦.୭ ଡିଗ୍ରୀ ସେଲସିୟସ, ଝନ୍ଦବାଲି, ତାଳଚେରରେ ୪୦.୪ ଡିଗ୍ରୀ ସେଲସିୟସ, କଟକରେ ୪୦.୨ ଡିଗ୍ରୀ ସେଲସିୟସ, ମାଲକାନଗିରି ଓ ଢେଙ୍କାନାଳରେ ୪୦.୧ ଡିଗ୍ରୀ ସେଲସିୟସ, ନୟାଗଡରେ ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।

୩୦ରେ ନବୀନଙ୍କ ନାମାଙ୍କନ ଦାଖଲ, ୨୪ରୁ ପ୍ରଚାର ଅଭିଯାନ

ଭୁବନେଶ୍ୱର, ୨୨।୪
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୩୦ ତାରିଖରେ ହିଞ୍ଜିଳି ବିଧାନସଭା ଆସନ ନିମନ୍ତେ ନିଜର ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ନିର୍ଦ୍ଧାରିତ ହୋଇଛି । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ସେହିଦିନ ଗଞ୍ଜାମର ଆରାଧ୍ୟ ଦେବୀ ମା' ତାରାତାରିଣୀଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବେ। ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଚିକିଟିରେ ଏକ ସମାବେଶକୁ ସମ୍ବୋଧନ କରିବେ। ସେହିପରି ମଇ ୧ ତାରିଖରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ଲୋକସଭା ଆସନ ଅନ୍ତର୍ଗତ ଖଲ୍ଲିକୋଟ, ଦିଗପହଣ୍ଡି, ଛତ୍ରପୁର ଓ ଆସ୍କା ଲୋକସଭା ଆସନ ଅନ୍ତର୍ଗତ କବିସୂର୍ଯ୍ୟନଗରରେ ଦଳୀୟ

ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ। ସେହିପରି ୩ ତାରିଖରେ କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ ଭଞ୍ଜନଗର, ଆସ୍କା ଲୋକସଭା ଆସନ ଅନ୍ତର୍ଗତ ପୋଲସରା, ସାନଖେମୁଣ୍ଡି ଓ ସୋରଡ଼ା, ୬ ତାରିଖରେ ବ୍ରହ୍ମପୁର ଲୋକସଭା ଆସନ ଅନ୍ତର୍ଗତ ଗୋପାଳପୁର ଓ ଆସ୍କା ଲୋକସଭା ଆସନ ଅନ୍ତର୍ଗତ *(ପୃଷ୍ଠା ୭ରେ)*

ଚୀନ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଖୋଲିଦେଲା ସରକାରୀ ମୁଦ୍ରା ଭଣ୍ଡାର

ବେଜିଂ, ୨୨।୪

ବିଶ୍ୱର ବିଭିନ୍ନ ଦେଶ ନିଜ ନିଜର ସାମରିକ ବଜେଟ ବୃଦ୍ଧି କରିବାରେ ବ୍ୟସ୍ତ ଅଛନ୍ତି। ଅସ୍ତ୍ରଶସ୍ତ୍ର କିଣିବା ପାଇଁ ପ୍ରତି ଦେଶ ମଧ୍ୟରେ ପ୍ରତିଯୋଗିତା ଜାରି ରହିଛି । ସ୍ୱିଡେନର ଷ୍ଟକହୋଲ୍ମସ୍ଥିତ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏସଆଇପିଆରଆଇ) ପକ୍ଷରୁ ବିଭିନ୍ନ ଦେଶ ଦ୍ୱାରା ୨୦୨୩ରେ କରାଯାଇଥିବା ପ୍ରତିରକ୍ଷା ବଜେଟର ରିପୋର୍ଟ ଜାରି କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ପ୍ରତିରକ୍ଷା ବଜେଟରେ ବୃଦ୍ଧି କରିଥିବା ଦେଶମାନଙ୍କ ତାଲିକାରେ ଚୀନ ଦ୍ୱିତୀୟ ସ୍ଥାନରେ ରହିଛି।

ଚୀନର ସି ଜିନପିଙ୍ଗ ସରକାର ୨୦୨୩ରେ ସାମରିକ ବଜେଟକୁ ବୃଦ୍ଧି କରି



୨୯୬ ବିଲିୟନ ଡଲାର ରଖିଛନ୍ତି ।୨୦୨୨ ବର୍ଷ ତୁଳନାରେ ଚୀନର ପ୍ରତିରକ୍ଷା ବଜେଟରେ ୬ ପ୍ରତିଶତ ବୃଦ୍ଧି କରାଯାଇଛି। ଚୀନ ଲଗାତାର ନିଜର ସମାରିକ ବଜେଟକୁ ୨୯ଥର ପାଇଁ ବୃଦ୍ଧି କରିଥିବା ରିପୋର୍ଟରେ ଦର୍ଶାଯାଇଛି।

ଭାରତ ସହିତ ଚୀନର ଅନ୍ୟ ପଡୋଶୀ ଦେଶମାନେ ମଧ୍ୟ ନିଜ ନିଜର ସାମରିକ ଖର୍ଚ୍ଚ ବୃଦ୍ଧି କରିଛନ୍ତି । ଭାରତ ପ୍ରତିରକ୍ଷା କ୍ଷେତ୍ରରେ କରିଥିବା ଖର୍ଚ୍ଚ ଚୀନଠାରୁ କମ ରହିଛି। ୨୦୨୨ ତୁଳନାରେ ୨୦୨୩ରେ ଭାରତର ପ୍ରତିରକ୍ଷା ବଜେଟରେ ୪.୨ ପ୍ରତିଶତ ବୃଦ୍ଧି କରିଛି। ଭାରତର ସାମରିକ *(ପୃଷ୍ଠା ୭ରେ)*

ବରିଷ୍ଠ ନାଗରିକଙ୍କ ପାଇଁ ଖୁସି ଖବର

ଭୁବନେଶ୍ୱର, ୨୨।୪
ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ନାଗରିକଙ୍କ ପାଇଁ ଖୁସି ଖବର। ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଥିବା ବୟସ କଟକଣାକୁ ହଟାଇ ଦିଆଯାଇଛି। ଏଣିକି ୬୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନାଗରିକ ମଧ୍ୟ ସ୍ୱାସ୍ଥ୍ୟ ବୀମାରେ ସାମିଲ ହୋଇପାରିବେ। ଏନେଇ ଏକ ବିଜ୍ଞପ୍ତି ଜାରି କରିଛନ୍ତି ଆଇଆରଡିଏଆଇ। ସମସ୍ତ ବୟସ ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ସାମିଲ କରିବା ପାଇଁ ବୀମା ପ୍ରଦାନକାରୀ *(ପୃଷ୍ଠା ୭ରେ)*

ଆସିଲା ବିଜେଡ଼ିର ସପ୍ତମ ତାଲିକା: ଆଉ ୬ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୨୨।୪
ନ୍ୟୁଜ୍ ବ୍ୟୁରୋ

ସପ୍ତମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ବିଜୁ ଜନତା ଦଳ ପକ୍ଷରୁ ଘୋଷଣା କରାଯାଇଛି । ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁସାରେ ହିନ୍ଦୋଳରୁ ମହେଶ ସାହୁ, ରଘୁନାଥପଲ୍ଲୀରୁ ଅର୍ଚ୍ଚନା ବେହେରା, ବାଲିକୁଦା-ଏରସମାରୁ ସାରଦା ପ୍ରସାଦ ଜେନା, କାକଟପୁରରୁ ତୁଷାରକାନ୍ତି ବେହେରା, ବାଙ୍ଗିରିପୋଷିରୁ ରଞ୍ଜିତା ମାର୍ଣ୍ଡି, ବରୀରୁ ବିଶ୍ୱରଞ୍ଜନ ମଲ୍ଲିଙ୍କୁ ପ୍ରାର୍ଥୀ ଘୋଷଣା

କରାଯାଇଛି। ସପ୍ତମ ପର୍ଯ୍ୟାୟରେ ମୋଟ ୬ଟି ଆସନରେ ପ୍ରାର୍ଥୀ ଘୋଷଣା କରାଯାଇଛି। ଏବେ ମଧ୍ୟ ବିଜେଡି ପକ୍ଷରୁ ୬ ଟି ଆସନରେ ପ୍ରାର୍ଥୀ ଘୋଷଣା ବାକି ରହିଛି। ଅର୍ଥାତ ଏବେ ସୁଦ୍ଧା ବିଜେଡି ୧୪୧ ଆସନ ପାଇଁ ଏହାର ଯୋଦ୍ଧାଙ୍କୁ ରଣଭୂମୀରେ ଅବତୀର୍ଣ୍ଣ କରି ସାରିଛି।

ଏଥିରେ ବରୀରେ ବର୍ତ୍ତମାନର ବିଧାୟକ ସୁନନ୍ଦା ଦାସଙ୍କ ସ୍ଥାନରେ ନେଲେ ବିଶ୍ୱରଂଜନ ମଲ୍ଲିକ ଟିକେଟ ପାଇଛନ୍ତି । ଜଗତସିଂହପୁର ଜିଲ୍ଲାର ବାଲିକୁଦା-ଏରସମାରୁ ସାରଦା ପ୍ରସାଦ ଜେନା ପ୍ରଥମ ଥର ବିଜେଡିରୁ ଲଢ଼ିବେ। ରଘୁନନ୍ଦନ ଦାସଙ୍କ ଜାଗାରେ ତାଙ୍କୁ ଟିକେଟ ଦିଆଯାଇଛି। ସେହିଭଳି *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

KISS
KALINGA INSTITUTE OF SOCIAL SCIENCES

KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India
A home for 80,000 indigenous children

KISS HUMANITARIAN AWARD 2021

Date: 22nd April 2024

PAST RECIPIENTS

Mr. Bill Gates
Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**

Her Excellency Mama Rachel Ruto, EGH
First Lady of the Republic of **Kenya (2022)**

Dr. Dansa KOUROUMA
President, National Transition Council of Guinea, **Guinea (2019)**

Professor Muhammad Yunus
(Nobel Laureate) Founder, Grameen Bank, **Bangladesh (2018)**

His Holiness The 14th Dalai Lama (2017)
Nobel Laureate, 2005 and Spiritual Leader

Ms. Ashley Judd,
Hollywood Actor, Activist & Global Goodwill Ambassador, **UNFPA (2016)**

His Excellency Dr Alejandro Toledo,
Former President of **Peru (2015)**

Ms. Anne F. Stenhammer
Former Regional Programme Director, UN Women, **South Asia Regional Office (2014)**

Mr. Ratan Naval Tata, Chairman Emeritus, Tata Sons receiving the prestigious **KISS Humanitarian Award 2021** from **Prof. Achyuta Samanta,** Founder, KIIT, KISS & KIMS, Bhubaneswar.

AWARDEES ARE FROM
5 Continents
13 Countries
2 Nobel Laureates among the awardees

Madam Albina Du Boisrouvray
Founder, Association François-Xavier Bagnoud (FXB International), **Switzerland (2013)**

His Excellency Lyonchhen Jigmi Y. Thinley
Hon'ble Prime Minister, The Royal Government of **Bhutan (2012)**

Rt Hon. Lord Nicholas Addison Phillips
President (Chief Justice) of the Supreme Court of the **United Kingdom (2011)**

Rt. Hon. Sir Anerood Jugnauth
Eminent Social Worker & His Excellency the President of **Mauritius (2010)**

Dr. Ham Kee-Sun
Eminent Educationist & Physician and Hon'ble President & Founder, Hanseo University, **South Korea (2009)**

Ms. Edna Bomo Molewa
Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୩ ଅପ୍ରେଲ, ମଙ୍ଗଳବାର, ୨୦୨୪

ଷେଣ୍ଢପୁର-ଧାମନଗର ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ : ଲୋକେ ହଟହଟା

ଧାମନଗର, ନ୍ୟୁଜ ବ୍ୟୁରୋ

ଷେଣ୍ଢପୁର-ଧାମନଗର ମୁଖ୍ୟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ଛାଡ଼ି ଠିକାଦାର ଛୁ ମାରିଥିବା ବେଳେ ଅଧା ଖଣ୍ଡିଆ ରାସ୍ତାରେ ଗାଡ଼ି ମୋଟର ଚଳାଚଳ କରିବାରେ ସମସ୍ୟା ସୃଷ୍ଟି ହେଉଛି । ଅଦିନିଆ ବର୍ଷା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ବର୍ଷା ଜଳ ଜମିରହିଛି । ଫଳରେ ରାସ୍ତାର ପିଚୁ ନଷ୍ଟ ହେବା ସହ କଂକ୍ରିଟ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଗଲାଣି । ପାଣି ଜମି ରହିଥିବାବେଳେ ବାଇକ୍ ଓ ସ୍କୁଟିରେ ଯାଉଥିବା ଲୋକେ ଖାଲରେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳିଛି । ସେହିପରି ଦୋବଲ ବଜାର ଦୁଇ ପାର୍ଶ୍ୱ ଜବରଦଖଲ ଯୋଗୁଁ ରାସ୍ତା ସଂକୁଚିତ ହୋଇଯାଇଛି । ଫଳରେ କେଉଁଠି ୨ଫୁଟ ପାଣି ତ କେଉଁଠି ୩ଫୁଟ ଉଚ୍ଚର ପାଣି ରାସ୍ତା ମଝିରେ ଲହଡ଼ି ମାରୁଛି । ଅନ୍ୟପକ୍ଷେ ଓଡିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ନକ୍ସାରେ ରାସ୍ତାର ଚଉଡ଼ା ହାରାହାରି ୪୦ରୁ ୫୦ କଡ଼ି ରହିଛି । ଏପରିକି କିଛି ସ୍ଥାନରେ ୭୫ରୁ ୮୦ କଡ଼ି ଚଉଡ଼ା ଅଛି ।

ସାଧାରଣ ଭାବେ ରାସ୍ତାର ଚଉଡ଼ା ପ୍ରାୟ ୪୦ ଫୁଟ ଥିଲା ବୋଲି ସ୍ଥାନୀୟ ଲୋକେ କହନ୍ତି । ଏବେ ରାସ୍ତାର ଚଉଡ଼ା ପ୍ରାୟ ୨୦ ଫୁଟକୁ କମି ଆସିଛି । ଯାହା ଫଳରେ ବିଭିନ୍ନ ସମୟରେ ଯାତାୟାତ ବାଧାପ୍ରାପ୍ତ ହେଉଛି । ଅକାରଣରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ବଜାର ମଝାମଝିରେ ବେଳେବେଳେ ୨ଟି ଗାଡ଼ି ପାସ୍ କରିବା କାଠିକର ପାଠ ହୋଇଯାଉଛି । ବିଶେଷ କରି ଦୋବଲ ହାଟ ପାଳି ଦିନ ଟ୍ରାଫିକ ସମସ୍ୟା ସଂଗୀନ ହୋଇପଡୁଛି । ଦୋବଲ ରାସ୍ତାର ସ୍ଥିତି ପୂର୍ବରୁ ସେମିତି ନଥିଲା । ଗତ ୧୦ ବର୍ଷ ଭିତରେ ଦୋବଲ ବଜାରର ଆକାର ବଢ଼ିବା ସାଙ୍ଗକୁ ନୂଆ ଦୋକାନ ସବୁ ହେଲା । ଏତିକି ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଦୁଇ ପାର୍ଶ୍ୱରୁ ରାସ୍ତାପଟକୁ ମାଡ଼ି ଆସିଲେ । ଜବରଦଖଲ କରି ଘର, ଦୋକାନ ଘର କରିଦେବାରୁ ରାସ୍ତା ସଂକୁଚିତ ହୋଇଯାଇଛି । ଚନ୍ଦନ ଜୁଏଲର୍ସ ସାମ୍ନାରେ ରାସ୍ତା ଏକବାର ଅଣଓସାରିଆ ହୋଇଯାଇଛି । ତା ସହିତ ଗୋଟିଏ ପଟେ ଚନ୍ଦନ ଜ୍ୱେଲର୍ସ କୋଠା ଓ ଆରପଟେ ଉଚ୍ଚ ପିଣ୍ଡାର ଦୋକାନ ଘର । ଯାହା ଫଳରେ ବର୍ଷା ଦିନେ ପାଣି ପାସ୍ କରିପାରୁନାହିଁ । ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଛିଡ଼ା ହୋଇଯାଉଛି । ଖାଲି ଏତିକି ନୁହେଁ,ଗାଡ଼ି ଯିବା ଆସିବା କରିବାରେ ବାଧା ଉପୁଜୁଛି । ସେହିପରି ବଡ଼ ବଡ ଦୋକାନି ମାନେ ରାସ୍ତା କଡ଼ରେ ଗୋଦାମ ଘର ରହିଛି । ଏହି ଗୋଦାମକୁ ବଡ଼ ବଡ଼ ଟ୍ରକ ମାଲ୍ ନେଇ ଆସୁଛି । ଯାହାକି ରାସ୍ତା ଉପରେ ରଖି ଅନଲୋଡ କରାଯାଉଛି । ଏଠାରେ ମାଲ୍ ଅନଲୋଡ଼ ହେଲାବେଳେ ରାସ୍ତା ମାତ୍ର ୧୦ ଫୁଟ ଚଉଡ଼ା ରହୁଛି । ଏଣୁ ଗାଡ଼ି ଯାତାୟାତ କରିବାକୁ ଲାଇନ ଲାଗିଯାଉଛି । ଅନ୍ୟପଟେ ଖାଲଖମା ଭର୍ତ୍ତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ନବୀକରଣ ପାଇଁ ଟେଣ୍ଡର ହୋଇ ନିର୍ମାଣ କାର୍ଯ୍ୟ କରାଯାଉଛି । ହେଲେ ଠିକାଦାର ରାସ୍ତା ଖୋଳି କଛି ସ୍ଥାନରେ ଡଷ୍ଟ ମିଶା ବଜୁରୀ ପକାଇବା ସହ ଅଧା କିଲୋମିଟର ପକ୍କା ରାସ୍ତା ନିର୍ମାଣ କରିଦେଇ ୩ରୁ ୪ମାସ ହେବ ଛୁ ମାରିଥିବା ଜଣାପଡ଼ିଛି । ତେଣୁ ରାସ୍ତା କାର୍ଯ୍ୟ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ : ଟାଓ୍ୱାର ସ୍ଥାପନ ଦାବିରେ ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକା ପଞ୍ଚାୟତ ଶିକୁଳାପଦା ଗ୍ରାମରେ ଚାଲିଥିବା ରାସ୍ତା ନିର୍ମାଣ ନିମ୍ନମାନର କରା ଯାଉଥିବା ବେଳେ ଟେଲି ଯୋଗାଯୋଗ ସୁବିଧା ନଥିବାରୁ ଟାଓ୍ୱାର ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି । ଏଠାରେ ଶହେରୁ ଊର୍ଦ୍ଧ୍ୱ ଭୂୟାଁ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି । ବଣଜଙ୍ଗଲ ଦୁର୍ଗମ ଅଞ୍ଚଳ ହୋଇଥିବାରୁ କେନ୍ଦୁଝର ଗସ୍ତରେ ରାଷ୍ଟ୍ରପତି ଗୋନାସିକା ଆସିଥିବା ବେଳେ ତୁରନ୍ତ ରାସ୍ତା ମରାମତି ପାଇଁ ଆଦେଶ ଦେଇଥିଲେ । ଏବେ ସୁକୁଳାପଦା ଠାରୁ ମଣ୍ଡୁଳା ପର୍ଯ୍ୟନ୍ତ ସ୍ଥାନୀୟ ଠିକାଦାର ରାସ୍ତା ମରାମତି କରୁଛି । ତେବେ ବିନା ସୂଚନା ଫଳକରେ ଘାଟିକୁ ନ କାଟି ସେ କାମ ସାରିବାକୁ ବସିଥିବାରୁ ଜନସାଧରଣଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଗମନା ଗମନର ସୁବିଧା ନଥିବାରୁ ଜନନୀ ଏକ୍ସପ୍ରେସ୍ ଓ ଆମ୍ବୁଲାନ୍ସ ସମେତ ଅନ୍ୟାନ୍ୟ ଗାଡି ଗାଁ ଭିତରକୁ ପ୍ରବେଶ କରିପାରୁ ନାହିଁ । ସାଧାରଣ ଲୋକଙ୍କ ସମେତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନକୁ ଯାତାୟତବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଏଠାରେ ସବୁଦିନିଆ କଂକ୍ରିଟ କିମ୍ବା ପିଚୁ ରାସ୍ତା କରାଯିବାକୁ ଅଭିଯୋଗ ହୋଇଛି । ଆଜିଯାଏ ଏହି ଦୁର୍ଗମ ଅଞ୍ଚଳରେ ଟେଲି ଯୋଗାଯୋଗ ସୁବିଧା ପହଞ୍ଚିପାରି ନାହିଁ ବୋଲି ସେଠାରେ ଯୋଗାଯୋଗ ବ୍ୟବସ୍ଥା ସଠିକ ହୋଇ ପାରୁ ନାହିଁ । ଟାଓ୍ୱାର ନଥିବାରୁ ମୋବାଇଲ ଇଣ୍ଟରନେଟସେବା ବ୍ୟାହତ ହୋଇପଡ଼ିଛି । ଫଳରେ ପିଲାମାନଙ୍କ ଅନଲାଇନ ପାଠପଢାରେ ସମସ୍ୟା ସୃଷ୍ଟି ହେଉଛି । ଘାଟିକାଟି କଂକ୍ରିଟ ନଚେତ ପିଚୁ ରାସ୍ତା ମରାମତି କରାଯିବା ସହିତ ଟେଲିଯୋଗାଯୋଗ ପାଇଁ ଟାଓ୍ୱାର ସ୍ଥାପନ ନିମନ୍ତେ ପଦକ୍ଷେପ ନେବାକୁ ସେବତୀ ଦେହୁରୀ, ସୁକାନ୍ତି ପ୍ରଧାନ ସମେତ ସିକୁଳାପଦା ବାସିନ୍ଦା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ତରଫରୁ ଜଳଛତ୍ର

କେନ୍ଦ୍ରାପଡ଼ା, ନ୍ୟୁଜ୍ବ୍ୟୁରୋ

କେନ୍ଦ୍ରାପଡ଼ା ନୂଆ ବସ୍ଷ୍ଟାଣ୍ଡ ସ୍ଥିତ କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ ତରଫରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି । ପ୍ରବଳ ଗ୍ରୀଷ୍ମରେ ଯାତାୟତ କରୁଥିବା ବାଟୋଇ ଏବଂ ସେଠାରେ ଥିବା ବିଭିନ୍ନ ଅନୁଷ୍ଠାନକୁ ଆସୁଥିବା ଲୋକ ମାନଙ୍କୁ ଦହି, ପଣା ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ସାହୁ ଉଦ୍‌ଘାଟନ କରିଥିବା ବେଳେ ଅନୁଷ୍ଠାନର ସଂପାଦକ ପ୍ରହଲ୍ଲାଦ ସାହୁ, ଅତିରିକ୍ତ ସଂପାଦକ ଅରବିନ୍ଦ ସାହୁ, ବରିଷ୍ଠ ମୁଖ୍ୟ ପରିଚାଳକ ଦେବାଶିଷ ସାହୁ, ଏଜିଏମ୍ ରମେଶ ଚନ୍ଦ୍ର ସେଠୀଙ୍କ ସହ ସମସ୍ତ କର୍ମଚାରୀ ସହ ଯୋଗ କରିଥିଲେ ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ

ବାରିପଦା, ନ୍ୟୁଜ୍ବ୍ୟୁରୋ

ବିଶ୍ୱ ଐତିହ୍ୟର ଗୁରୁତ୍ୱ ଓ ତା'ର ରକ୍ଷଣାବେକ୍ଷଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟର ଜନଜାତି ଅଧ୍ୟୟନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନୃତତ୍ତ୍ୱ ଓ ଜନଜାତି ବିଭାଗ, ଇତିହାସ ବିଭାଗ ଓ ଝୁମରର ସହଯୋଗରେ ଆୟୋଜିତ ଏଇ ସମ୍ମିଳନୀରେ କାନାଡ଼ା ସ୍ଥିତ ଚଳଚ୍ଚିତ୍ର ନିର୍ମାତା ଓ ଅଧ୍ୟାପକ କିଶଲୟ ରାୟ ଓ ଯାମିନୀ ମାକେଶ୍ୱର ବକ୍ତା ଭାବେ ଓ ଇନ୍‌ଟାକ୍ ମୟୂରଭଞ୍ଜର ଡ. ତରୁଣ କୁମାର ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏ ଅବସରରେ ରାୟଗଡ଼ାରେ ସଉରା ଜନଜାତିଙ୍କ ଚିତ୍ରକଳା ପରମ୍ପରା ଉପରେ ଯାମିନୀଙ୍କ ନିର୍ମିତ କ୍ଷୁଦ୍ର ବୃତ୍ତଚିତ୍ର ଇଡି ତାଳ ପ୍ରଦର୍ଶନ କରାଯାଇଥିଲା । ନୃତତ୍ତ୍ୱ ଓ ଜନଜାତି

ବିଭାଗର ମୁଖ୍ୟ ଡ. ବସନ୍ତ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ ଆସରରେ ଅତିଥି ଡ. ତରୁଣ କୁମାର ଓଝା ମୟୂରଭଞ୍ଜର ଅତୁଲ୍ୟ ଐତିହ୍ୟ ଉପରେ ଆଲୋକପାତ କରିଥିବା ବେଳେ କିଶଲୟ ରାୟ ବାରିପଦା ଛଉ ଉପରେ ନିର୍ମାଣ କରୁଥିବା ସମୟର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ବିଭାଗୀୟ ଅଧ୍ୟାପିକା ଡ. ମନାଲି ଗୋସ୍ୱାମୀ ତାଙ୍କର ବକ୍ତବ୍ୟରେ ସ୍ଥାନୀୟ ଐତିହ୍ୟର ସଂରକ୍ଷଣରେ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ସମ୍ମିଳନୀରେ ଝୁମର ବିଭାଗର ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ମହାନ୍ତ ଛଉ ଓ ଝୁମରର ମାଟି ମୟୂରଭଞ୍ଜର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ନୃତତ୍ତ୍ୱ ଓ ଜନଜାତି ବିଭାଗର ଅଧ୍ୟାପକ ମନୁ ନାୟକ ଓ ସୁଭୋଜିତ ସେନ ତଥା ନୃତତ୍ତ୍ୱ ଓ ଜନଜାତି ବିଭାଗ, ଇତିହାସ ବିଭାଗର ଛାତ୍ରଛାତ୍ରୀ ମାନେ ଯୋଗଦାନ କରିଥିଲେ । ଶେଷରେ ଅଧ୍ୟାପିକା ପ୍ରିୟଙ୍କା ଦାସ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ମହାନଦୀ ଆଳତି ଘାଟ ଯୋଗ କେନ୍ଦ୍ରରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ, ନ୍ୟୁଜ୍ବ୍ୟୁରୋ

ଆସନ୍ତା ସାଧାରଣ ନିର୍ବାଚନର ଭୋଟ୍ ଦେବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ମହାନଦୀ ଆଳତୀ ଘାଟ ଯୋଗ କେନ୍ଦ୍ର ଠାରେ ଯୋଗାଭ୍ୟାସ କରୁଥିବା ଭାଇ ଭଉଣୀଙ୍କୁ ଭୋଟ ଦେବାପାଇଁ ସଂକଳ୍ପ କରାଯାଇଥିଲା । ବୌଦ୍ଧଜିଲ୍ଲାରେ ଆସନ୍ତା ମେ' ୨୦ ତାରିଖରେ ନିଜ ନିଜ ଭୋଟ କେନ୍ଦ୍ରକୁ ଯାଇ ନିଜେ ଭୋଟ ଦେବା ସହିତ ଅନ୍ୟମାନଙ୍କୁ ଭୋଟ ଦେବାପାଇଁ ସଚେତନ କରାଇବାକୁ ଅନୁରୋଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ପ୍ରଭାସ ଚ଼ନ୍ଦ୍ର ଦଣ୍ଡସେନା, ଗଦାଧର ବାରିକ, ଗୋପାଳ ବେହେରା, ବାପୁନ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ । ପତଳି ପରିବାର ଓ ଭାରତ ସ୍ୱାଭିମାନ ଟ୍ରଷ୍ଟର ଯୋଗ ପ୍ରେମୀ ଭାଇ ଭଉଣୀମାନେ ଯୋଗଦାନ କରି ସଂକଳ୍ପ ଗ୍ରହଣ କରିଥିଲେ ।

ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବିଷମକଟକ, ନ୍ୟୁଜ୍ବ୍ୟୁରୋ

ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ମହକୁମାର ବସ୍ଷ୍ଟାଣ୍ଡ ଠାରେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ରଶ୍ମିତା ଟେଟେ ଯୋଗ ଦେଉଥିବା ବେଳେ, ରାୟଗଡ଼ା ଜିଲ୍ଲା ଡମ ସମାଜର ସଭାପତି ଧୋନିରାମ ନାୟକ, ବିଷମକଟକର ସଭାପତି ରାମଦାସ ଟାକ୍ରି ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଷମକଟକ ଏବଂ ମୁନିଗୁଡ଼ା ଅଞ୍ଚଳର ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଆମ୍ବେଦକର ପ୍ରେମୀ ଯୋଗ ଦେଇଥିଲେ । ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା ।

ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ପୋଲିସ ତରଫରୁ ପୁରସ୍କୃତ

ବୌଦ୍ଧ, ନ୍ୟୁଜ୍ବ୍ୟୁରୋ

ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରି ଡାକ୍ତରଖାନା ପର୍ଯ୍ୟନ୍ତ ପହଞ୍ଚାଇ ଥିବା ୧୩ ଜଣଙ୍କୁ ଦୁଇ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନକରି ପୁରସ୍କୃତ କରାଯାଇଛି । ପୁରସ୍କାର ପାଇଥିବା ବ୍ୟକ୍ତିମାନେ ହେଲେ ସୁଶୀଲ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ମହାକୁଡ, ପ୍ରଶାନ୍ତ ପଣ୍ଡା, ସୁନୀଲ କୁମାର ସାହୁ, କାହ୍ନା ସାହୁ, ଅଜିତ କୁମାର ସାହୁ, ଶୁଭମ ସାହୁ, ଶୁଭେନ୍ଦୁ କୁମାର ଶତପଥୀ, ଇନ୍ଦ୍ରମଣି ମେହେର, କୃଷ୍ଣଗୋବିନ୍ଦ ମହାପାତ୍ର, ସୁଧୀର ପଣ୍ଡା, ହେମାନନ୍ଦ ଦାସ ପ୍ରମୁଖ । ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଏସ୍‌ଡିପିଓ କୁଳଦୀପ ମିନା, ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ନିମନ୍ତ୍ରିତ ଜନସାଧାରଣ ଉପସ୍ଥିତ ଥିଲେ ।

ଧନୁର୍ଯ୍ୟୟ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ପୁଜ୍ୟପୂଜା ସମାରୋହ

କେନ୍ଦ୍ରାପଡ଼ା, ନ୍ୟୁଜ୍ବ୍ୟୁରୋ

କେନ୍ଦ୍ରାପଡ଼ାର ଜଣାଶୁଣା ଧନୁର୍ଯ୍ୟୟ ବିଶ୍ୱାଳ ଚାରି ଟେବୁଲ ଟ୍ରଷ୍ଟର ବାର୍ଷିକ ପୁଜ୍ୟପୂଜା ସମାରୋହ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରବୀଣ ଶିକ୍ଷାବିତ୍ ଅଜୟ କୁମାର ସାମଲ ମୁଖ୍ୟ ଅତିଥି, ଟ୍ରଷ୍ଟର ଚେୟାରମ୍ୟାନ ଭଗବାନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଟ୍ରଷ୍ଟର ସେବା ସଂପର୍କରେ ପ୍ରଶଂସା କରିଥିଲେ । ପ୍ରତିବର୍ଷ ଭଳି ଟ୍ରଷ୍ଟ ସାମାଜିକ ସେବା ଅନୁଷ୍ଠାନ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ କ୍ଷେତ୍ର ଯଥା ସାହିତ୍ୟ, ସଂସ୍କୃତି, ସମାଜସେବା, କଳା ସଙ୍ଗୀତ, ବିଜ୍ଞାନ ଏବଂ କ୍ରୀଡାକ୍ଷେତ୍ରର ବିକାଶ ପାଇଁ ପୁଜ୍ୟପୂଜା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଦିବ୍ୟାଙ୍ଗ ମାନଙ୍କର ନିରନ୍ତର ସେବା ନିମନ୍ତେ ଅଗ୍ରଣୀ ସେବା ଅନୁଷ୍ଠାନ ପୁନର୍ବାସକୁ କେନ୍ଦ୍ରାପଡ଼ା ରତ୍ନ ସମ୍ମାନରେ ସମ୍ମାନିତ କରିବା ସହିତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇ ଥିଲା । କେନ୍ଦ୍ରାପଡ଼ା ବରପୁତ୍ର ଭାବେ ଆଇନଜୀବୀ ପ୍ରେମ ଆନନ୍ଦଙ୍କୁ ପ୍ରଦାନ କରାଯାଇଛି । ବିଶିଷ୍ଟ କଳାକାର ଡ଼ଃ ପ୍ରଭାତ ରଞ୍ଜନ ଲେଙ୍କା, କବୟତ୍ରୀ ତୁହିନା ମିଶ୍ର ସମାଜସେବା ଓ ମହିଳା ସଶକ୍ତିକରଣ ନିମନ୍ତେ ଉପମା କୁମାରୀ ବିଶ୍ୱାଳ, ସମ୍ବାଦିକତା କ୍ଷେତ୍ରରେ ଭତର କୁମାର ସାହୁ ଉପଢ଼ୌକନ, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ସେହିପରି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଚାରି ଟେବୁଲ ଟ୍ରଷ୍ଟ ସତ୍ୟବାନ ବିଶ୍ୱାଳ, ଦୀପ୍ତି ରଞ୍ଜନ ବିଶ୍ୱାଳ, ଜ୍ୟୋତିର୍ମୟୀ ଦାସ, ବୈଲୋଚନ ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ, ଅଶୋକ ବିଶ୍ୱାଳ ପ୍ରଭୃତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କେନ୍ଦ୍ରାପଡ଼ାର ବରପୁତ୍ର ଭାବେ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତି ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ପ୍ରେମାନନ୍ଦ ଓ ଅଧ୍ୟାପକ ପ୍ରଭାତ ରଞ୍ଜନ ଲେଙ୍କାଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା ।

୬ ବର୍ଷର ଝିଅର ବେଆଇନ ହସ୍ତାନ୍ତର ନେଇ ଜିଲ୍ଲାପାଳଙ୍କ ଠାରେ ମା'ର ଅଭିଯୋଗ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ସଦର ବ୍ଲକ୍ ସରାସପଶି ଗ୍ରାମର ଭଗବତୀ ବେହେରା (୨୭) ଆଜି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଯେ ତାଙ୍କର ଛଅ ବର୍ଷର ଝିଅକୁ ସିଡବୁସିର ସଦସ୍ୟ ସୋନାଲୀ ବେହେରା ଅନ୍ୟକାହାକୁ ହସ୍ତାନ୍ତର କରି ଦେଇଛନ୍ତି । ମିଳିଥିବା ଅଭିଯୋଗ ପତ୍ର ସୂଚନା ଆଧାରରେ ଭଗବତୀ ରୀତିରେ ସୁବାଷ ଚନ୍ଦ୍ର ବେହେରାଙ୍କୁ ବିବାହ କରିଥିଲେ । ଇତିମଧ୍ୟରେ ତାଙ୍କର ଦୁଇଟି ଛୁଆ ମଧ୍ୟରୁ ପୁଅ ଝୁନେସ କୁମାର ବେହେରା ଓ ଝିଅ ଦିପ୍ତିମୟୀ ବେହରା ଅଛନ୍ତି । ବିହାହ ପରେ ସବୁ ସମୟରେ ସୁବାଷ ଭଗବତୀଙ୍କୁ ମାରପିଟ୍ କରିବା ସହିତ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଥିଲେ । ଏଥିସହ ସେ ପିଲାମାନଙ୍କ ଭଲମନ୍ଦ କଥା ନ ବୁଝିବା ସହ ପରିବାରର ଭରଣ ପୋଷଣ ଖର୍ଚ୍ଚ ମଧ୍ୟ ତୁଲାଉ ନଥିଲେ । ଅନେକ ସମୟରେ ସୁବାଷ ତାଙ୍କ

ଉପରେ ଅକଥନୀୟ ନିର୍ଯାତନା ଦେଉଥିଲେ । ଗତ ଫେବୃୟାରୀ ମାସ ୨୦ ତାରିଖ ମା'ଝିଅକୁ ଉଭୟଙ୍କୁ ସୁବାଷ ମାର ପିଟ୍ କରି ଘରୁ ବାହାର କରିଦେଇଥିଲେ । ଫଳରେ ଭଗବତୀ ନିଜ ଝିଅ ଦୀପ୍ତିମୟୀକୁ ଧରି ବାପ ଘରକୁ ଚାଲିଆସି ଥିଲେ । ତେବେ ସେଠାରେ ଦେହ ଖରାପ ହେବାରୁ ଭଉଣୀଘର ପାଖରେ ହୋଇଥିବାରୁ ସେଠାରେ ଝିଅକୁ ଛାଡି ଭଗବତୀ ଜଘିଂରା ମେଡିକାଲକୁ ଦେଖାଇବାକୁ ଯାଇଥିଲେ । ଚଳିତ ଅପ୍ରେଲ ମାସ ୧୬ ତାରିଖ ତାଙ୍କର କକା ଶଶୁର ହରିହର ମହାକୁଡ଼ ତାଙ୍କର ଭଉଣୀଘରେ ପହଞ୍ଚିଥିଲେ । ବୁଝାସୁଝା କରି ଝିଅ ଦୀପ୍ତିମୟୀଙ୍କୁ ଧରି ପାଖ ଦୋକାନକୁ ବୁଲାଇବାକୁ ନେଇ ଯାଇଥିଲେ । କିଛି ସ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୩ ଅପ୍ରେଲ ୨୦୨୪ ମଙ୍ଗଳବାର

ପ୍ରଶାସନିକ ଆନ୍ତରିକତା ଅଭାବରୁ ଅର୍ଦ୍ଧ ନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା-୪ ଅଙ୍ଗନୱାଡି କେନ୍ଦ୍ର ଦୀର୍ଘ ବର୍ଷ ହେଲା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଥିବାର ଅଭିଯୋଗ ହୋଇଛି । ଏହି ଗୃହର ପୂର୍ଣ୍ଣାଙ୍ଗ ନେଇ ପ୍ରଶାସନିକ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବାଲିଆପଦା-୪ ଅଙ୍ଗନୱାର୍ଡି କେନ୍ଦ୍ର ଗତ ୨୦୧୦ ମସିହାରେ ସ୍ଥାପନ କରାଯାଇଥିଲା । ଏହି କେନ୍ଦ୍ରରେ ୧୧ ଜଣ କୋମଳମତି ଶିଶୁ ଅଧ୍ୟୟନ କରନ୍ତି । ଦୀର୍ଘ ବର୍ଷ ହେଲା ଏହି କେନ୍ଦ୍ରଟି ସ୍ଥାନୀୟ ୟୁଥ୍ କ୍ଲବ କାର୍ଯ୍ୟାଳୟ ପରିସରରେ ଚାଲିଥିବାର ଜଣାଯାଇଛି । ଏହି କେନ୍ଦ୍ରର ନିଜସ୍ୱ ଗୃହ ନଥିବା କାରଣରୁ ନୂତନ ଗୃହ ନିର୍ମାଣ ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଥିଲେ । ବିଭାଗୀୟ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ତେବେ ଏହି ଗୃହ ନିର୍ମାଣ ନିମନ୍ତେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଯୋଜନା ସମ୍ପର୍କରେ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହିନତା ଓ କର୍ତ୍ତବ୍ୟରେ ଚରମ ଅବହେଳା ଯୋଗୁ ଏହି ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଥିବାର ଅଭିଯୋଗ ହୋଇଛି । ଗୃହ ନିର୍ମାଣ ଅଟକଳ ଅନୁଯାଇ କରାଯାଉନଥିବାର ଅଭିଯୋଗ ହୋଇଛି । ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବା କାରଣରୁ ଗୃହର ପୂର୍ଣ୍ଣାଙ୍ଗ ନେଇ ଆଶଙ୍କା ପ୍ରକାଶ ପାଇଛି । ସେହିପରି ଭାବେ ଗୃହ ନିର୍ମାଣରେ ଅହେତୁକ ବିଳମ୍ବ ହେତୁ କୋମଳମତି ଶିଶୁମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ସ୍ଥାନୀୟ ଏକ କ୍ଲବ ଗୃହରେ ଶିକ୍ଷାଗ୍ରହଣ କରୁଥିବାର ଜଣାଯାଇଛି । କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ବିଭିନ୍ନ ସାମଗ୍ରୀ ରଖିବା ନିମନ୍ତେ ସମସ୍ୟା ସୃଷ୍ଟି ହେଉଥିବାର ଜଣାଯାଇଛି । ତୁରନ୍ତ ଏହି କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ କରାଯିବା ନିମନ୍ତେ ସ୍ଥାନୀୟ ଜନ ସାଧାରଣ ଦୃଢ ଦାବି କରିଛନ୍ତି ।

ପ୍ରଚଣ୍ଡ ଗ୍ରୀଷ୍ମରେ ରକ୍ତ ସଙ୍କଟର ମୁକାବିଲା ପାଇଁ ଟିପିଏନ୍‌ଓଡିଏଲ୍‌ର ପ୍ରୟାସ

ବାଲେଶ୍ୱର, ନ୍ୟୁଜ୍

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ରକ୍ତ ଭଣ୍ଡାର ସହଭାଗିତାରେ ବାଲେଶ୍ୱର ସର୍କଲ ଅଧିନସ୍ଥ ବି.ଇ.ଡି, CED, STORE, ବସ୍ତା ଡିଭିଜନ କାର୍ଯ୍ୟାଳୟ ସମେତ ଯାଜପୁର ରୋଡ ଡିଭିଜନ, ଧାମନଗର ସବ୍ ଡିଭିଜନ୍ ଓ ଆନନ୍ଦପୁର ଡିଭିଜନ୍ କାର୍ଯ୍ୟାଳୟ ସ୍ତରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ପ୍ରାୟ ୩୫୦ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ସାଂପ୍ରତିକ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତ ସଙ୍କଟ ଓ ଜରୁରୀକାଳୀନ ସ୍ଥିତିରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତି କାର୍ଯ୍ୟାଳୟ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ଦ୍ୱାରା ରକ୍ତଦାନ ଶିବିର ଆୟୋଜନ କରିବାର କାର୍ଯ୍ୟକ୍ରମ ରଖିଛି । ତେବେ ବିଜୁଳି ବିତରଣ ସହ ସେବା, ସୁରକ୍ଷା ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରକୁ ଟିପିଏନ୍‌ଓଡିଏଲ୍ ବେଶ୍ ଗୁରୁତ୍ୱ ଦେଉଛି । ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରୁଛି । ପ୍ରଶିକ୍ଷଣ କେନ୍ଦ୍ର ସାହାଯ୍ୟରେ ତାଲିମ ପ୍ରଦାନ ସହ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା କ୍ଷେତ୍ରରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଟିପିଏନ୍‌ଓଡିଏଲ୍ ଗ୍ରହଣ କରିଛି ।

ରେଳଷ୍ଟେସନ୍‌ରୁ ୬ କେଜି ୨୫୦ ଗ୍ରାମ୍ ଗଞ୍ଜେଇ ଜବତ:ଜଣେ ଗିରଫ

ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ

ସମ୍ବଲପୁର ରେଳ ଡିଭିଜନ୍ ଅନ୍ତର୍ଗତ ଟିଟିଲାଗଡ଼ ରେଳ ଷ୍ଟେସନ୍‌ର ପ୍ଲାଟ୍‌ଫର୍ମ ୪ ନମ୍ବରରେ ସକାଳ ୬ଟା ୧୦ ମିନିଟ୍ ସମୟରେ ଟ୍ରେନ୍‌କୁ ଅପେକ୍ଷା କରିଥିବା ଜନୈକ ଯୁବକକୁ ଅଟକ ରଖି ତାହାଠାରୁ ୬ କେଜି ୨୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରାଯାଇଛି । ଏହି ସଂକ୍ରାନ୍ତରେ ଟିଟିଲାଗଡ଼ ଅବକାରୀ ଥାନାରେ ଏକ ମକଦ୍ଦମା ରୁଜୁ କରାଯାଇଛି । ଏହାର କେଶ ନମ୍ବର ପି.ଆର. ନମ୍ବର ୧୧/୨୦୨୪-୨୦୨୫/୨୦(ବି)(ବି) ଆକ୍ଟ ୧୯୮୫ ଏବଂ ଜବତ ହୋଇଥିବା ଗଞ୍ଜେଇ ମୂଲ୍ୟ ୬୨ ହଜାର ୫୦୦ଟଙ୍କା ହେବ ବୋଲି ଅବକାରୀ ଥାନା ଅଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି, ଏହି ଅଭିଯୁକ୍ତଙ୍କ ନାମ ରୋହିତ କୁମାର, ବୟସ ୨୫, ପିତା- ରବିଶଙ୍କର, ଉତ୍ତର ପ୍ରଦେଶ ରାଜ୍ୟର ଜଳାଉଁ ଜିଲ୍ଲାର ରାମପୁର ଥାନା ଅନ୍ତର୍ଗତ ଉଦତପୁର ଅଞ୍ଚଳର ବୋଲି ଜଣାପଡିଛି । ଅଭିଯୁକ୍ତକୁ ଟିଟିଲାଗଡ଼ କୋର୍ଟକୁ ଚାଲାଣ କରାଯାଇଛି, ପରେ ତାଙ୍କୁ ମାଜିଷ୍ଟ୍ରେଟ୍ ଟିଟିଲାଗଡ଼ ଉପ କାରାଗାରକୁ ପଠେଇ ଦେଇଛନ୍ତି । ଏହି ଚଢ଼ଉ ସମୟରେ ଟିଟିଲାଗଡ଼ ରେଳ ସୁରକ୍ଷା ବଳ ଥାନାର ଇନ୍ସପେକ୍ଟର ଏସ. ବି. ପୁନିଆ ଓ କନେଷ୍ଟବଳ ଅଶୋକ କୁମାର ବେହେରା ଏବଂ ଟିଟିଲାଗଡ଼ ଅବକାରୀ ଥାନା ଅଧିକାରୀ ଆଶିଷ କୁମାର ବେହେରା ସତ୍ୟ ନାରାୟଣ ପ୍ରଧାନ, ଅବକାରୀ ଷ୍ଟାଫ୍ ବୁଲୁ ସେଠୀ, କୁମୁଦିନୀ ମଲ୍ଲିକ, ସୁନୀଲ ବଢ଼େଇ, ଗଗନ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

।।।।।।।।।।।।।।।।।।।। ଶ୍ରୀଦୁର୍ଗା ସାହିତ୍ୟ ସଂସଦର ବୈଶାଖୀ ଉତ୍ସବ ।।।।।।।।।।।।।।।।।।।।

'ସାହିତ୍ୟିକମାନେ ଲେଖନୀ ମାଧ୍ୟମରେ ସମାଜରେ ପରିବର୍ତ୍ତନ କରିପାରିବେ'

କଟକ, ନ୍ୟୁଜ୍ ବ୍ୟୁରୋ

ସାରସ୍ୱତ ଅନୁଷ୍ଠାନ ଶ୍ରୀଦୁର୍ଗା ସାହିତ୍ୟ ସଂସଦର କବିତା ଆସର ଓ ବୈଶାଖୀ ଉତ୍ସବ ଖପୁରିଆ ସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ଆଇନଜୀବୀ ପତିତପାବନ ମହାପାତ୍ର, ବରେଣ୍ୟ ଅତିଥି ଭାବେ ରସଗୁଲାର ସମ୍ପାଦକ ବାବାଜୀ ଚରଣ ଲେଙ୍କା, ସମ୍ମାନୀୟ ଅତିଥି ଭାବେ କବି ମନୋରଞ୍ଜନ ପଣ୍ଡା ଯୋଗଦେଇ କବି ଓ ସାହିତ୍ୟିକ ମାନେ ଲେଖନୀ ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରିବାର କ୍ଷମତା ଅଛି ବୋଲି କହିଥିଲେ । ଏହି ଅବସରରେ ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ରଚିତ ପୁସ୍ତକ 'ପ୍ରବୃଦ୍ଧ ପୌରୁଷ ପ୍ରବାଦ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ । କବି ଆଦିତ୍ୟ ରଂଜନ ଦାଶ ଓ କବୟତ୍ରୀ ସୁକାନ୍ତି ମହାନ୍ତିଙ୍କ ସଂଯୋଜନାରେ କବି ବସନ୍ତ କୁମାର ସାହୁ, ସଚ୍ଚିଦାନନ୍ଦ କର, ପ୍ରଭାକର ଦାସ, ଅଭୟ ପାତ୍ର, ସରୋଜିନୀ ସାହୁ, ତ୍ରିଲୋଚନ ମହାକୁଳ, ଡ. ନିରଂଜନ ଖଟୁଆ, ଭଗବତୀ ଖଟୁଆ, ଦେବେନ୍ଦ୍ର ନାଥ ସାହୁ, ଚୈତନ୍ୟ କୁମାର ରାଉତ, ରାଜକିଶୋର ସ୍ୱାଇଁ, ରଘୁନାଥ ତ୍ରିପାଠୀ, ସବ୍ୟସାଚି ମିଶ୍ର, ନମିତା ମହାନ୍ତି, ବାବାଜୀ ଚରଣ ଜେନା, କ୍ଷୀରୋଦ କୁମାର ଜେନା, ବ୍ରଜବନ୍ଧୁ ପୃଷ୍ଟି, ନରେଶଚନ୍ଦ୍ର ରାୟ ମହାପାତ୍ର, ବିଧୂଭୂଷଣ ମହାନ୍ତି, ରବିନ୍ଦ୍ର ନାଥ ପଣ୍ଡା, ନଳିନୀ ପ୍ରଭା ଦାଶ, ପ୍ରମୋଦ କୁମାର ସାହୁ, ଗୀତାଞ୍ଜଳି ପୃଷ୍ଟି, ରାଜିବ କୁମାର ଷଡଙ୍ଗୀ, ଛବିରାମ ସେଠୀ, ନିରୁପମା ସାହୁ, ଅରୁଣ କୁମାର ଅଗରବାଲ, ମହେନ୍ଦ୍ର ପ୍ରସାଦ ମହାପାତ୍ର, ଜୟନ୍ତି ପତି, ସନ୍ଧ୍ୟା ଶତପଥି, ମୈତ୍ରୀଭୁଷଣ ଖୁଣ୍ଟିଆ, ଚିନ୍ମୟୀ ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା ସାହୁ, ନିରୁପମା ମିଶ୍ର, ସସ୍ମିତା ଜେନା, ରତ୍ନାକର ସାହୁ, ତପନ ବିହାରୀ ରାଉତରାୟ, ଦୀପ୍ତିରଂଜନ ପଣ୍ଡା, ବିମଳ କୁମାର ଦାଶ, ମଧୁସ୍ମିତା ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା ଅଭିଯୋଗ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଥାନା ଅନ୍ତର୍ଗତ ଭାଲୁଖାଇ ନିକଟସ୍ଥ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ଦୁର୍ଘଟଣା ଘଟି ଜଣେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀମାନେ ଥାନାରେ ଧାରଣାରେ ଦେବାପରେ ପୋଲିସ ପାଇଁ ଅଡୁଆ ବଢ଼ିଯାଇଛି । ସୂଚନା ଅନୁଯାୟୀ ଶନିବାର ମଧ୍ୟାହ୍ନରେ ବ୍ରହ୍ମବରଦା ଥାନା ମଙ୍ଗରାଜପୁର ଗ୍ରାମର ଶରତକୁମାର ବାରିକ (୪୭)ଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । କିନ୍ତୁ ଏହି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି । କଟକରୁ ଶବ ଆସିବା ପରେ ରାତିରେ ଗ୍ରାମବାସୀମାନେ ଧର୍ମଶାଳା ଥାନାରେ ନ୍ୟାୟ ପାଇଁ ଧାରଣା ଦେଇଥିଲେ । ପରିବାର ପକ୍ଷରୁ ଅଭିଯୋଗ ଯେତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି । ପୂର୍ବଶତ୍ରୁତାରୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଗାଡ଼ି ଧକ୍କା ଦେଇ ମାରିଦେଇଥିବା ମୃତ ଶରତର ପୁତୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଧର୍ମଶାଳା ପୋଲିସ ଅଭିଯୁକ୍ତ ଯୁବକକୁ ଥାନାକୁ ଆଣି ପଚରା ଉଚରା କରୁଛନ୍ତି । ଯାଜପୁର ଡିଏସପି ବଳରାମ ନାୟକ, ବଡ଼ଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର, କୁଆଆ ଥାନା ଅଧିକାରୀ ଅନିରୁଦ୍ଧ ନାୟକ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ବୁଝାସୁଝା କରିଛନ୍ତି । ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ମୃତ ଫାଇନାନ୍ସ କମ୍ପାନୀ କର୍ମଚାରୀ ଶରତ ବାରିକ ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମରେ ଭଡ଼ା ନେଇ ରହୁଥିଲେ ।

ଜମି ବିବାଦକୁ ନେଇ ସଂଘର୍ଷ:୭ ଆହତ

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଏକ ଜମି ବିବାଦକୁ କେନ୍ଦ୍ର କରି ମାମୁଁ ଭଣଜାଙ୍କ ମଧ୍ୟରେ ମାରଣାତ୍ମକ ଆକ୍ରମଣ ହୋଇଥିବା ଜଣାପଡ଼ିଛି । ଏହି ଗୋଷ୍ଠୀ ସଂଘର୍ଷରେ ୭ ଜଣ ଗୁରୁତର ଆହାତ ହୋଇଥିବା ବେଳେ ସମସ୍ତଙ୍କୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସମ୍ପର୍କୀୟ ଲୋକେ ପ୍ରାଥମିକ ଚିକିତ୍ସା ପରେ ଦୁଇଜଣ ଗୁରୁତରଙ୍କୁ ରବିବାର ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ବାଲିଗୁଡ଼ା ମସଜିଦ ନିକଟସ୍ଥ ଆଣ୍ଠସାହିରେ ରହୁଥିବା ଏମ.ଡି. ଅସରଫ ଓ ଆଲ୍ଲା ଉଦ୍ଦିନଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନରୁ ଜାଗାବାଡ଼ିକୁ ନେଇ କଳହ ଲାଗି ରହିଥିଲା । ଉଭୟେ ସମ୍ପର୍କରେ ମାମୁଁ ଭଣଜା ହୋଇଥିବା ଜଣାପଡ଼ିଛି । ଦୀର୍ଘ ଦିନରୁ ଲାଗି ରହିଥିବା କଳହ ଶନିବାର ବିଳମ୍ବିତ ରାତ୍ରରେ ଉଗ୍ର ରୂପ ନେଇଥିବା ବେଳେ ଅସରଫ ଓ ଆଲ୍ଲାଉଦ୍ଦିନଙ୍କ ପରିବାର ମଧ୍ୟରେ ମରଣାତ୍ମକ ଆକ୍ରମଣ ହୋଇଥିଲା । ଏଣେ ମାମୁଁଙ୍କ ପକ୍ଷରୁ ପ୍ରତି ଆକ୍ରମଣରେ ମଧ୍ୟ ଭଣଜା ସମେତ ମାମୁଁର ଦୁଇ ପୁଅ ଓ ଭଣଜାର ସ୍ତ୍ରୀ ଓ ପିଲାଙ୍କ ସମେତ ୭ଜଣ ମଧ୍ୟ ଆକ୍ରମଣ ଶିକାର ହୋଇଛନ୍ତି । ତେବେ ଦୁଇ ପରିବାର ପକ୍ଷରୁ ବାଲିଗୁଡ଼ା ଥାନାରେ ଏତଲା ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଅବ୍ୟାହତ ରଖିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।

ମା' ଶାରଳାଙ୍କ ଆଶୀର୍ବାଦ ଲୋଡ଼ିଲେ ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତାଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ଶାରଳା ମନ୍ଦିର ଦର୍ଶନ ଓ ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଛନ୍ତି । ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ଜଗତସିଂହପୁର ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଭାବେ ପ୍ରଶାନ୍ତ ମୁଦୁଲିଙ୍କୁ ଟିକେଟ ମିଳିଥିବାରୁ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ନାଉଗାଁ ବ୍ଲକ, ଜଗତସିଂହପୁର ବ୍ଲକ ଓ ପୌରଅଞ୍ଚଳରେ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଥିବା ଦେଖିବାକୁ ମିଳିଛି । ଶ୍ରୀ ମୁଦୁଲି ସହସ୍ରାଧିକ ସମର୍ଥକମାନଙ୍କ ସହିତ ଶାରଳା ମନ୍ଦିର ଦର୍ଶନ ପରେ ଜଗତସିଂହପୁର ପୌରପାଳିକା ଛକ ଠାରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ଶୋଭାଯାତ୍ରାରେ ସିପି ଛକ ଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ବିଜୁବାବୁ ଅମର ରହେ, ଶଙ୍ଖଚିହ୍ନ ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ପ୍ରଶାନ୍ତ ମୁଦୁଲି ଜିନ୍ଦାବାଦ ନାରାରେ ଜଗତସିଂହପୁର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ହୁଳହୁଳିରେ ବିଧାୟକ ପ୍ରାର୍ଥୀ ଶ୍ରୀ ମୁଦୁଲିଙ୍କୁ ସ୍ୱାଗତ କରାଯାଇଥିଲା । ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଦୀପ୍ତି ଦାସ, କାଳନ୍ଦୀ ପତି, ସରୋଜ ବିଶ୍ୱାଳ, ବିଜେଡି ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ରାଉତ, କାଉନସିଲର ମନୋଜ ମହାନ୍ତି, କିରଣବାଳା ଦାସ, ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷା ରତିରଞ୍ଜନ ବେହେରା, ସୁବାଷ ଚନ୍ଦ୍ର ମହାନ୍ତି, ଜିଲ୍ଲାପରିଷଦ ବିବେକାନନ୍ଦ ବେହେରା, ଚିତ୍ତରଞ୍ଜନ ରାଉଳ, ବନ୍ଦନ ବେହେରା, ଆଲୋକ କୁମାର ଖୁଣ୍ଟିଆଙ୍କ ସମେତ ନିର୍ବାଚନ ମଣ୍ଡଳୀର ଶତାଧିକ ଜନସାଧାରଣ ଯୋଗଦେଇ ବାଣ ଫୁଟାଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ବାପାର କଟୁରୀ ଚୋଟରେ ପୁଅ ଲହୁଲୁହାଣ

ମାହାଙ୍ଗା, ନ୍ୟୁଜ୍

ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତରେ ଘଟିଛି ଅଭାବନୀୟ ଘଟଣା । ପାରିବାରିକ କଳହ ପାଇଁ ବାପାର କଟୁରୀ ଚୋଟରେ ପୁଅ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛି । ତେବେ ଅବସ୍ଥା ଶଙ୍କଟାପନ୍ନ ଥିବାରୁ କଟକ ଏସସିବିକୁ ସ୍ଥାନାନ୍ତର ପାଇଁ ମାହାଙ୍ଗା ମେଡିକାଲ ପକ୍ଷରୁ ଡାକ୍ତର ନିର୍ଦ୍ଦେଶ ଦେଇଥିଲେ । ସୂଚନା ମୁତାବକ ଶୋଇଥିବା ଅବସ୍ଥାରେ ବାପା ମାନସ ବେହେରା ପୁଅ ଅଜିତ ବେହେରାଙ୍କ ବେକକୁ କଟୁରୀରେ ହାଣି ଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁଅ ଅଜିତକୁ ପ୍ରଥମେ ମାହାଙ୍ଗା ସରକାରୀ ହସ୍ପିଟାଲକୁ ନିଆଯାଇଥିଲା । ତେବେ ଅବସ୍ଥା ଶଙ୍କଟାପନ୍ନ ହେବାରୁ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି । ପୁତ୍ର ହନ୍ତା ବାପାକୁ ଗ୍ରାମବାସୀ ମାନେ କାବୁକରି ପୋଲିସ ଜିମା ଦେଇଛନ୍ତି । ମାହାଙ୍ଗା ପୋଲିସ ଘଟନସ୍ଥଳୀରେ ପହଞ୍ଚି ତଦନ୍ତ ଜାରିରଖିଛି । ମାତ୍ର ଶହେ ଟଙ୍କା ପାଇଁ ବାପ ପୁଅକୁ ହାଣିଥିବା ସ୍ୱୀକାର କରିଛି । ଲଳିତଗିରି ଅଞ୍ଚଳର ଏହି ଲୋମ ଟାଙ୍କୁରା ଘଟଣା ସାରା ମାହାଙ୍ଗାରେ ଆଲୋଡନ ସୃଷ୍ଟି କରିଛି । ବୋହୂର ଟଙ୍କା ଚୋରି କରି ଧରା ପଡିବାରୁ ଉତ୍କ୍ଷିପ୍ତ ହୋଇ ବାପ ପୁଅକୁ ହାଣିବା ଘଟଣା ଚର୍ଚ୍ଚାର ବି

ପକ୍ଷାନ୍ତରୀୟ

30 YEARS
ସମ୍ବାଦ କଳିକା

ଭାରତ ଭଲ ପ୍ରଦର୍ଶନ କରୁଛି

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏକ ରିପୋର୍ଟରେ ୨୦୨୪ ବର୍ଷ ପାଇଁ ଦେଶର ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବ ବୋଲି ଆକଳନ କରିଛି। ଏହା ସହିତ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇ ରହିଛି ଏବଂ ଏହି ସମୟ ମଧ୍ୟରେ ଚୀନର ଅଭିବୃଦ୍ଧି ହାର ୪.୬ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ବାସ୍ତବରେ ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ପ୍ରଦର୍ଶନକାରୀ। ୨୦୨୩ରୁ ୨୦୨୪ ଆର୍ଥିକ ବର୍ଷରେ ଆମର ଯଥେଷ୍ଟ ତୀବ୍ର ସଂଶୋଧନ ହୋଇଥିଲା ଏବଂ ଏହା ନିକଟରେ ଶେଷ ହୋଇଛି। ତା'ପରେ ୨୦୨୪ରୁ ୨୦୨୫ ଆର୍ଥିକ ବର୍ଷ ପାଇଁ ୦.୩ ପ୍ରତିଶତ ଉନ୍ନତି ହୋଇଛି। ତେଣୁ ଭାରତ ବହୁତ ଭଲ ପ୍ରଦର୍ଶନ କରୁଛି ବୋଲି ଆଇଏମଏଫର ମୁଖ୍ୟ ଅର୍ଥନୀତିଜ୍ଞ ପିଏରେ-ଅଲିଭିୟର ଗୌରିଞ୍ଚାସ ୱାଶିଂଟନରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆଇଏମଏଫ ଏବଂ ବିଶ୍ୱ ବ୍ୟାଙ୍କର ବାର୍ଷିକ ବୈଠକ ପୂର୍ବରୁ ଆଇଏମଏଫ ଦ୍ୱାରା ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଆଉଟଲୁକ୍‌ର ସଦ୍ୟତମ ସଂସ୍କରଣ ଅନୁଯାୟୀ, ଘରୋଇ ଚାହିଦାରେ ନିରନ୍ତର ଶକ୍ତି ଏବଂ କର୍ମଜୀବୀ ଜନସଂଖ୍ୟା ବୃଦ୍ଧି ସହିତ ୨୦୨୪ରେ ଭାରତର ଅଭିବୃଦ୍ଧି ୬.୮ ପ୍ରତିଶତ ଏବଂ ୨୦୨୫ରେ ୬.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ସେହିପରି ଉଦୀୟମାନ ଓ ବିକାଶଶୀଳ ଏସିଆରେ ଅଭିବୃଦ୍ଧି ୨୦୨୩ରେ ଆନୁମାନିକ ୫.୬ ପ୍ରତିଶତ ଥିବାବେଳେ ୨୦୨୪ରେ ୫.୨ ପ୍ରତିଶତ ଓ ୨୦୧୫ରେ ୪.୯ ପ୍ରତିଶତକୁ ଖସିଆସିବ ବୋଲି ଆକଳନ କରାଯାଇଛି, ଯାହା କି ଜାନୁଆରି ୨୦୨୪ ଡବ୍ଲୁଇଓ ଅପଡେଟ୍ ତୁଳନାରେ ସାମାନ୍ୟ ଅଧିକ। ଆଇଏମଏଫ କହିଛି ଯେ ମହାମାରୀ ପରବର୍ତ୍ତୀ କାରଣଗୁଡ଼ିକର ସକାରାତ୍ମକ ପ୍ରଭାବ ବ୍ୟବହାର ବୃଦ୍ଧି ଏବଂ ଆର୍ଥିକ ପ୍ରୋତ୍ସାହନ ସହଜତା ଏବଂ ସମ୍ପତ୍ତି କ୍ଷେତ୍ରରେ ଦୁର୍ବଳତା ସମେତ ଏକମାତ୍ର କାରଣର ସକାରାତ୍ମକ ପ୍ରଭାବ ଜାରି ରହିଥିବାରୁ ୨୦୨୩ରେ ଚୀନର ଅଭିବୃଦ୍ଧି ୫.୨ ପ୍ରତିଶତରୁ ୨୦୨୪ରେ ୪.୬ ପ୍ରତିଶତ ଏବଂ ୨୦୨୫ରେ ୪.୧ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ୨୦୨୩ରେ ୩.୨ ପ୍ରତିଶତ ଅଭିବୃଦ୍ଧି ହେବ ବୋଲି ଆକଳନ କରାଯାଇଥିବା ବେଳେ ୨୦୨୪ ଓ ୨୦୨୫ରେ ଏହା ସମାନ ଗତିରେ ଜାରି ରହିବ ବୋଲି ଆକଳନ କରାଯାଇଛି। ୨୦୨୪ର ପୂର୍ବାନୁମାନ ଜାନୁଆରି ୨୦୨୪ ଡବ୍ଲୁଇଓ ଅପଡେଟ ଠାରୁ ୦.୧ ପ୍ରତିଶତ ଏବଂ ଅକ୍ଟୋବର ୨୦୨୩ ଡବ୍ଲୁଇଓ ଠାରୁ ୦.୩ ପ୍ରତିଶତ ପଏଣ୍ଟ ବୃଦ୍ଧି ପାଇଛି ବୋଲି ଆଇଏମଏଫ କହିଛି। ଏକ ପ୍ରଶ୍ନର ଉତ୍ତରରେ ଆଇଏମଏଫ ଗବେଷଣା ବିଭାଗର ଡିଭିଜନ ମୁଖ୍ୟ ଡାନିଏଲ ଲେଇ କହିଛନ୍ତି ମୁଦ୍ରା ନୀତିରେ କଠୋରତା ଏବଂ ବିତ୍ତୀୟ ନୀତିକୁ କଡ଼ାକଡ଼ି କରିବାକୁ ଆଂଶିକ ଭାବରେ ପ୍ରତିଫଳିତ କରନ୍ତି, ଯାହା ମୁଦ୍ରାସ୍ଫୀତି ହ୍ରାସ କରିବା ପାଇଁ ଜରୁରୀ।

"ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୧୨)

ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବରୁ ଇତିହାସକୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ଧୂମକେତୁ ବିଷୟରେ ମନୁଷ୍ୟର କି କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ପାଇଥିଲେ। ପ୍ରଥମେ ଆଲେଖ୍ୟରେ ଆରମ୍ଭ କରିଥିଲୁ ପୁରାତନ ଗ୍ରୀକ୍ ସଭ୍ୟତାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ। ତା ପରେ ବିଜ୍ଞାନର ଅଗ୍ରଗତି ହେବା ପରେ ଆଧୁନିକ ଯୁଗରେ ଧୂମକେତୁକୁ କିପରି ଭାବେ ବର୍ଣ୍ଣନା କରାଗଲା ସେ ବିଷୟରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରିଥିଲୁ। ଏହାର ସଂରଚନା ସମ୍ବନ୍ଧରେ ଅନେକ ବୈଜ୍ଞାନିକ ବିଭିନ୍ନ ମତ ଦେଇଥାନ୍ତି। ପୂର୍ବ ଆଲେଖ୍ୟରେ ଏକ ଚିତ୍ର ଦେଇ ଧୂମକେତୁର ବିଭିନ୍ନ ଅଂଶ ବିଷୟରେ ବୁଝିବାକୁ ଚେଷ୍ଟା କରିଥିଲୁ। ଆଜି ସେ ବିଷୟରେ ଅଧିକ ଜାଣିବା।

ଗତିଶୀଳତା ବା ଡାଇନାମିକ୍ସ – ଧୂମକେତୁ ଗୁଡିକ ସାଧାରଣତଃ ସୌରପ୍ରଣାଳୀର ଅନ୍ୟ ନକ୍ଷତ୍ର ଅପେକ୍ଷା ଅଧିକ ବିଚିତ୍ର ଏବଂ ଅଧିକ ଆନତ ସମତଳ କକ୍ଷପଥରେ ଥାଏ । ସାଧାରଣତଃ ଧୂମକେତୁ ଗୁଡିକ ପ୍ରାରମ୍ଭରେ ଦୁଇଟି ଗତିଶୀଳ ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା: ଅର୍ବିଟାଲ୍ ପିରିୟଡ୍ ସହିତ ସ୍ୱଳ୍ପ ସମୟର ଧୂମକେତୁ ଗୁଡିକ ୨୦୦ ବର୍ଷରୁ କମ୍ ଏବଂ ଅର୍ବିଟାଲ୍ ପିରିୟଡ୍ ସହିତ ୨୦୦ ବର୍ଷରୁ ଅଧିକ ଲମ୍ବା ସମୟର ଧୂମକେତୁ । ସ୍ୱଳ୍ପ ସମୟର ଧୂମକେତୁ ଗୁଡିକ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା, ବୃହସ୍ପତି-ପରିବାର ସହ ଜଡିତ ଧୂମକେତୁ ଗୁଡିକ ପ୍ରାୟ ୨୦ ବର୍ଷରୁ କମ୍ ଏବଂ ହାଲୀ-ପ୍ରକାର ଧୂମକେତୁ ଗୁଡିକ ୨୦ ବର୍ଷରୁ ଅଧିକ କିନ୍ତୁ ୨୦୦ ବର୍ଷରୁ କମ୍ ସମୟ ସହିତ। ୧୯୯୬ ମସିହାରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ହରୋଲ୍ଡ ଲେଭିସନ ଏକ ନୂତନ ଟ୍ୟାକ୍ସୋନୋମି ପ୍ରବର୍ତ୍ତନ କଲେ ଯେଉଁଥିରେ ଟିସେରାଣ୍ଡ ପାରାମିଟର ନାମକ ପରିମାଣ ଜଡିତ ହୋଇଥିଲା:T = aJ/a + 2 [(a/aJ) (1 - e2)]1/2 cos i

ଯେଉଁଠାରେ a, e, ଏବଂ i ଯଥାକ୍ରମେ ଧୂମକେତୁର କକ୍ଷପଥର ଅର୍ଦ୍ଧ ମୁଖ୍ୟ ଅକ୍ଷ, ବିଚିତ୍ରତା ଏବଂ ଆନତ ସମତଳ, ଏବଂ a ହେଉଛି ବୃହସ୍ପତିଙ୍କ କକ୍ଷପଥର ମୁଖ୍ୟ ଅକ୍ଷ। ଯେ କୌଣସି ପ୍ରଦତ୍ତ ଧୂମକେତୁର କକ୍ଷ ଟିସେରାଣ୍ଡ ପରିବର୍ତ୍ତନଶୀଳ ପରିମାପ ପ୍ରାୟତଃ ସ୍ଥିର ଅଟେ ଏବଂ ଫ୍ରାନ୍ସର ଜ୍ୟୋତିର୍ବିଜ୍ଞାନୀ ଫେଲିକ୍ସ ଟିସେରାଣ୍ଡଙ୍କ ଦ୍ୱାରା ନିର୍ମିତ ପର୍ଯ୍ୟାୟ ଧୂମକେତୁକୁ ଚିହ୍ନିବା ବା ଚିହ୍ନଟ କରିବା ପାଇଁ ସୃଷ୍ଟି କରାଯାଇଥିଲା ଯଦିଓ ବୃହସ୍ପତି ଦ୍ୱାରା ସେମାନଙ୍କର କକ୍ଷପଥ ବିପର୍ଯ୍ୟସ୍ତ ହୋଇପଡିଥିଲା।

ବୃହସ୍ପତି-ପରିବାର ର ଧୂମକେତୁ ରେ ଟିସେରାଣ୍ଡ (ଟି) ପାରାମିଟର ପ୍ରାୟତଃ ୨.୦ ଏବଂ ୩.୦ ମଧ୍ୟରେ ଥାଏ, ଏବଂ ହାଲୀ-ପ୍ରକାର ଏବଂ ଦୀର୍ଘକାଳୀନ ଧୂମକେତୁର T ମୂଲ୍ୟ ୨.୦ରୁ କମ୍ ଥାଏ। କ୍ଷୁଦ୍ର ଗ୍ରହ ଗୁଡିକରେ ସାଧାରଣତଃ T ର ମୂଲ୍ୟ ୩.୦ ରୁ ଅଧିକ ଥାଏ । ଯାହା ହେଉ, ସେଠାରେ ଉଭୟ ପଟେ କିଛି ପର୍ଯ୍ୟାୟ ଧୂମକେତୁ ବିକଶିତ ହୋଇଛି ଯାହାର କକ୍ଷପଥଗୁଡିକର T ର ମୂଲ୍ୟ ୩ ରୁ ଅଧିକ ଏବଂ କେତେକଙ୍କର T ର ମୂଲ୍ୟ ୩ ରୁ କମ୍ ଥାଏ।

ଗତିଶୀଳ ଗୋଷ୍ଠୀର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି ସେମାନଙ୍କର କକ୍ଷପଥର ଆନତ ସମତଳ ବଣ୍ଟନ । ବୃହସ୍ପତି-ପରିବାର ଧୂମକେତୁରେ ସାଧାରଣତଃ କକ୍ଷପଥ ଥାଏ ଯାହା ଆୟନ ମଣ୍ଡଳ (ପୃଥିବୀର କକ୍ଷପଥର ଆଡକୁ)ପ୍ରାୟ ୩୫° ପର୍ଯ୍ୟନ୍ତ ଢଳି କରି ରହିଥାଏ। ହାଲୀ-ପ୍ରକାର ଧୂମକେତୁ ଗୁଡ଼ିକରେ ଢଳିବା ପ୍ରବୃତ୍ତି ଅଧିକ ରହିପାରେ, ଯେଉଁଥିରେ ପଶ୍ଚାତଗାମୀ କକ୍ଷପଥଗୁଡିକ ବିପରୀତ ଦିଗରେ ସୂର୍ଯ୍ୟ ଚାରିପଟେ ବୁଲନ୍ତି। ଦୀର୍ଘକାଳୀନ ଧୂମକେତୁର ସଂପୂର୍ଣ୍ଣ ଅନିୟମିତ ପ୍ରବୃତ୍ତି ଅଛି ଏବଂ ସମସ୍ତ ଦିଗରୁ ଗ୍ରହ ପ୍ରଣାଳୀ ନିକଟକୁ ଯାଇପାରେ । ଫଳସ୍ୱରୂପ, ବୃହସ୍ପତି-ପରିବାର ଧୂମକେତୁ "ଏକ୍ଲିପଟିକ୍ ଧୂମକେତୁ " ଭାବରେ ମଧ୍ୟ ଜଣାଶୁଣା, ଯେତେବେଳେ କି ଦୀର୍ଘକାଳୀନ ଧୂମକେତୁ ଗୁଡିକ "ପ୍ରାୟ ଆଇସୋଟ୍ରୋପିକ୍ ଧୂମକେତୁ " ଭାବରେ ମଧ୍ୟ ଜଣାଶୁଣା ।

ଧୂମକେତୁ କକ୍ଷପଥଗୁଡ଼ିକର ଢଳିବା ପ୍ରବୃତ୍ତି ସେମାନଙ୍କର ଉତ୍ପତ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚକ ପ୍ରଦାନ କରେ । ଯେପରି ଉପରେ ଦର୍ଶାଯାଇଛି ଯେ ଗତିଶୀଳ ଅନୁକରଣ ଦର୍ଶାଏ ଯେ ବୃହସ୍ପତି-ପରିବାର ଧୂମକେତୁର କକ୍ଷପଥଗୁଡ଼ିକର ଆୟନ ମଣ୍ଡଳ ନିକଟରେ ଘୂର୍ଣ୍ଣନ କରିବା କେବଳ ଧୂମକେତୁର ଏକ ସମତଳ ଉତ୍ସରୁ ଉତ୍ପନ୍ନ ହୋଇପାରେ । ସେହି ଉତ୍ସ ହେଉଛି କୁଇପର ବେଲ୍ଟ, ନେପ୍‌ଚୁନ୍‌ର କକ୍ଷପଥ ବାହାରେ ବରଫ ଶରୀରର ଏକ ଚଟାଣ ଡିସ୍କ ଏବଂ ସୂର୍ଯ୍ୟଠାରୁ ଅତି କମରେ ୫୦ AU (୧ AU = ମିଟର ରେ ପ୍ରକାଶ କଲେ ୧.୪୯୬x୧୦ କୁ ୧୧ ଥର ଗୁଣିବା) ପର୍ଯ୍ୟନ୍ତ ବିସ୍ତାରିତ। କୁଇପର ବେଲ୍ଟ ଆଷ୍ଟେରଏଡ ବେଲ୍ଟ ସହିତ ଅନୁରୂପ ଏବଂ ଜଣାଯାଏ ଯେ ଏହା ବରଫ ସମୃଦ୍ଧ ଶରୀରରେ ଗଠିତ ଯାହା ଏକ ବୃହତ ଗ୍ରହରେ ସୃଷ୍ଟି ହେବା ପାଇଁ ପର୍ଯ୍ୟାପ୍ତ ସମୟ ନଥିଲା ।

ଅଧିକ ନିର୍ଦ୍ଦିଷ୍ଟ ଭାବରେ, ବୃହସ୍ପତି-ପରିବାର ଧୂମକେତୁର ଉତ୍ସକୁ ବିଛିନ୍ନ ଡିସ୍କ କୁହାଯାଏ। କୁଇପର ବେଲ୍ଟ ଧୂମକେତୁ ଯାହା ଅଧିକ ଢଳିକରି ରହେ ଏବଂ ବିଚିତ୍ର କକ୍ଷପଥରେ ଥାଏ କିନ୍ତୁ ପେରିହେଲିଆ ନେପଟୁନ୍ ନିକଟରେ ରହେ।

ଯେପରି ଉପରେ ବର୍ଣ୍ଣନା କରାଯାଇଛି, ଦୀର୍ଘକାଳୀନ ଧୂମକେତୁର ଉତ୍ସ ହେଉଛି ଓର୍ଟ କ୍ଲାଉଡ୍, ସୌର ପ୍ରଣାଳୀକୁ ଘେରି ରହିଥାଏ ଏବଂ ତାରା ଓ ନକ୍ଷତ୍ର ମାନଙ୍କ ପର୍ଯ୍ୟନ୍ତ ବିସ୍ତାର କରିଥାଏ । ଏହାକୁ ଚିହ୍ନିବାର ଚାବି ହେଉଛି କକ୍ଷପଥ ଶକ୍ତିର ବଣ୍ଟନ, ଯାହା ଦର୍ଶାଏ ଯେ ଦୀର୍ଘ ସମୟର ଧୂମକେତୁର ଏକ ବଡ଼ ଅଂଶ ପ୍ରାୟ ୨୫,୦୦୦ AUକିମ୍ବା ତା'ଠାରୁ ଅଧିକ ଅର୍ଦ୍ଧ ମୁଖ୍ୟ (ସେମିମାଜୋ) ର ଅକ୍ଷ ସହିତ ବହୁତ ଦୂର କକ୍ଷପଥରେ ଥାଏ। ଓର୍ଟ ମେଘରେ ଧୂମପାନର କକ୍ଷପଥ ଏତେ ଦୂର ଯେ ଏଗୁଡିକ ଅନିୟମିତ ପାସ୍ କରୁଥିବା ତାରା ଏବଂ ଗାଲାକ୍ସିକ୍ ଡିସ୍କରୁ ଜୁଆର ଶକ୍ତି ଦ୍ୱାରା ବିଚଳିତ । ପୁନର୍ବାର, ଗତିଶୀଳ ଅନୁକରଣଗୁଡିକ ଦର୍ଶାଏ ଯେ ଓର୍ଟ କ୍ଲାଉଡ୍ ହେଉଛି ବହୁ ଦୂର କକ୍ଷପଥ ସହିତ ଦେଖାଯାଇଥିବା ଧୂମକେତୁ ପାଇଁ ଏକମାତ୍ର ସମ୍ଭାବ୍ୟ ବ୍ୟାଖ୍ୟା ଯାହା ଏପର୍ଯ୍ୟନ୍ତ ମାଧ୍ୟାକର୍ଷଣରେ ସୌର ପ୍ରଣାଳୀରେ ବନ୍ଧା ।

ଓର୍ଟକ୍ଲାଉଡ୍ ଧୂମକେତୁ ଗୁଡ଼ିକ ଉଭୟ ଢଳିବା ପ୍ରବୃତ୍ତି ଏବଂ କକ୍ଷପଥର ଆଭିମୁଖ୍ୟରେ ଅନିୟମିତ ଥାଏ। ଅବଶ୍ୟ, ଅନିୟମିତତା ଠାରୁ କିଛି ବିଚ୍ୟୁତି ଅଛି ଯାହା ଦ୍ୱାରା ଦୃଶ୍ୟମାନ ଅଞ୍ଚଳରେ ଧୂମକେତୁ ପଠାଇବାରେ ନକ୍ଷତ୍ର ପୁଞ୍ଜ ସମ୍ବନ୍ଧୀୟ ଜୁଆରର ଗୁରୁତ୍ୱକୁ ପ୍ରକଟ କରିଥାଏ। ଜୁଆର ଏବଂ ନକ୍ଷତ୍ର ବିପର୍ଯ୍ୟୟ ଏକତ୍ର କାର୍ଯ୍ୟ କରିବା ଜରୁରୀ ଅଟେ ଯାହାକି ନୂତନ ଦୀର୍ଘକାଳୀନ ଧୂମକେତୁର ଏକ ସ୍ଥିର ଓ ସ୍ଥିତ ଅବିଶ୍ରାନ୍ତ ପରିବର୍ତ୍ତନ ପ୍ରଦାନ କରିଥାଏ।

ଏ ସମ୍ବନ୍ଧରେ ଅଧିକ ତଥ୍ୟ ଆର ଥରକୁ।



ଏକ୍ଲିପଟିକ୍ ଧୂମକେତୁ – ସୌଜନ୍ୟ : ଲିବେରୋ

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍‌ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

ଶ୍ରୀ ଅଭିରାମ ସରସ୍ୱତୀ

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

ଦଣ୍ଡନାଟର ସାହିତ୍ୟିକ ଅନୁଶୀଳନ

ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ଓଡ଼ିଶାର ଅଧିକାଂଶ ଗ୍ରାମରେ ବିଭିନ୍ନ ପ୍ରକାର ଲୋକନୃତ୍ୟ କଳା ଅତ୍ୟନ୍ତ ପ୍ରାଚୀନ ଓ ଲୋକପ୍ରିୟ ଏଥିରେ କୌଣସି ଦ୍ୱିମତ ନାହିଁ। ଗଞ୍ଜାମ, ପୁରୀ, ଢେଙ୍କାନାଳ, ସମ୍ବଲପୁର, କୋରାପୁଟ, ନୟାଗଡ, ବଲାଙ୍ଗୀର, ଫୁଲବାଣୀ ଜିଲ୍ଲାରେ ଦଣ୍ଡନାଟର ପରିଧି ବ୍ୟାପକ ଓ ବିସ୍ତୃତ। କିନ୍ତୁ ଗଞ୍ଜାମ, ନୟାଗଡ ଓ ଢେଙ୍କାନାଳରେ ଦଣ୍ଡନାଟକୁ ଅଧିକ ଭକ୍ତି, ବିଶ୍ୱାସ, ନିଷ୍ଠା ଓ ଆଗ୍ରହ ସହକାରେ ପାଳନ କରାଯାଉଥିବାର ଦେଖାଯାଏ। ଦଣ୍ଡନାଟର ଇତିହାସ, ତା'ର ପୃଷ୍ଠଭୂମି, ପରମ୍ପରା, ଐତିହ୍ୟ ତଥା ଏହାର ତାତ୍ପର୍ଯ୍ୟ ଓ ବିଶେଷତ୍ୱ ଅତ୍ୟନ୍ତ ମାର୍ମିକ ଓ ଚିତ୍ତାକର୍ଶକ। ଦଣ୍ଡନାଟର ଉତ୍ପତ୍ତି ସଂପର୍କରେ ଅନେକ ପୌରାଣିକ ଓ ଲୋକକଥା ଶୁଣିବାକୁ ମିଳେ। ଭାବ, ରାଗ, ଗୀତ ଓ ଆଳାପ ଏହି ଚାରୋଟି ବିଷୟକୁ ବିଶ୍ଳେଷଣ କଲେ ଦଣ୍ଡଶବ୍ଦର ଆକ୍ଷରିକ ଅର୍ଥ ଜାଣିବାକୁ ସହଜ ହୋଇଥାଏ। ଶରୀରକୁ ସଂପୂର୍ଣ୍ଣ ବିନିଯୋଗ କରାଯାଇଥାଏ। ନିୟମାନୁଯାୟୀ ଦଣ୍ଡ ଯାତ୍ରା ୨୧ ଦିନ ହେବାର ବିଧି ରହିଛି। କେତକ ସ୍ଥାନରେ ଏହା ୧୩ ଦିନ ଧରି ପାଳନ କରାଯାଏ। ପ୍ରତିକୂଳ ପରିସ୍ଥିତି ପାଇଁ କେତେକ ସ୍ଥାନରେ ୭/୫/୩/୨ ଦିନରେ ଏହାକୁ ସମାପନ କରାଯାଏ। ଚୈତ୍ର ପୂର୍ଣ୍ଣମା ଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଦଣ୍ଡୋତ୍ସବ ପାଳନ କରାଯିବାର ବିଧି ରହିଛି। ଦଣ୍ଡ ଭୋକ୍ତାମାନଙ୍କର ପ୍ରଥମ ଆରାଧ୍ୟ ଦେବତା ଶିବ ହୋଇଥିବାରୁ ଚୈତ୍ୟ ଓ ବୈଶାଖ ମାସ ଶିବ ଆରାଧନାର ପ୍ରକୃଷ୍ଟ ସମୟ। ମୀନ ମାସ ଷଷ୍ଠଦିନ ଠାରୁ ଶିବୋତ୍ସବ ଆରମ୍ଭ ହୋଇଥାଏ। ଏହି ଦିନ ଠାରୁ ଚାରିଦିନ ପର୍ଯ୍ୟନ୍ତ ସଂକଳ୍ପ, ଏହା ପରେ ଆଠଦିନ ପର୍ଯ୍ୟନ୍ତ ଝାମୁଯାତ୍ରା ଓ ଅବଶିଷ୍ଟ ତେରଦିନ ଦଣ୍ଡନାଟ ପାଇଁ ନିର୍ଦ୍ଧାରିତ। ଯଜମାନଙ୍କ ଘର ସମ୍ମୁଖରେ ଅଗ୍ନିଦଣ୍ଡ ସମାପ୍ତ ପରେ ସୁଆଙ୍ଗ ଆରମ୍ଭ ହୁଏ। ସୁଆଙ୍ଗ ସଂସ୍କୃତ ଶବ୍ଦ 'ସ୍ୱଙ୍ଗ'ର ଅପଭ୍ରଂଶ ମାତ୍ର। ଏହାର ଆକ୍ଷରିକ ଅର୍ଥ ଅଙ୍ଗଚାଳନା ଓ ସୁଅଭିନୟ ବୋଧକ। ସୁଆଙ୍ଗ ସାଧାରଣତଃ ପଦ୍ୟଧର୍ମୀ, ବାଦ୍ୟର ତାଳେ-ତାଳେ ସୁଆଙ୍ଗରେ ଅଭିନୟ କରୁଥିବା ଚରିତ୍ରମାନେ ନୃତ୍ୟ ପରିବେଷଣ କରନ୍ତି। ସୁଆଙ୍ଗରେ ସମସ୍ତ ଅଭିନୟ କରନ୍ତି ଗୀତ ମାଧ୍ୟମରେ । ସୁଆଙ୍ଗରେ ଅଭିନୟ କରୁଥିବା ଚରିତ୍ରମାନେ ପୌରାଣିକ ଓ ସାମାଜିକ ଚାଲି-ଚଳଣୀର ସାଧାରଣ ବ୍ୟକ୍ତି ବିଶେଷ।

ଶିବ-ପାର୍ବତୀ ସୁଆଙ୍ଗର ପ୍ରଥମ ଚରିତ୍ର। ଶିବ-ପାର୍ବତୀ ଭୂମିକାରେ ଅଭିନୟ କରୁଥିବା କଳାକାର ମଞ୍ଚ ଉପରକୁ ଆସିଲେ ସମବେତ ପ୍ରାର୍ଥନା ଆରମ୍ଭ ହୁଏ। ସୁଆଙ୍ଗର ଅନ୍ୟାନ ଚରିତ୍ରମାନେ ଯଥା-ଚଢେୟା-ଚଢେୟାଣୀ, ଶବର-ଶବରୁଣୀ, ଯୋଗୀ-ଯୋଗୀଆଣି, ବୀଣାକାର, ବାଇଧନ ପ୍ରଭୃତି। ଦଣ୍ଡନାଟର ନିୟମାବଳୀ ସଂପର୍କରେ କୌଣସି ପୁସ୍ତକ ବା ପାଣ୍ଡୁଲିପି ନାହିଁ। ଲୋକମୁଖରୁ ପରମ୍ପରା କ୍ରମେ ଦଣ୍ଡନାଚର ନୀତି ନିୟମକୁ ଅନ୍ୟମାନଙ୍କୁ ଅବଗତ କରାଯାଏ। ସୁଆଙ୍ଗ ଓ ଅନ୍ୟାନ ଗୀତ ସମ୍ବନ୍ଧୀୟ ପୁସ୍ତକ ଓ ଅପ୍ରକାଶିତ ପାଣ୍ଡୁଲିପିମାନ ମିଳେ। ଦଣ୍ଡନାଟର ସାହିତ୍ୟିକ ମୂଲ୍ୟବୋଧକୁ କୌଣସି ପରିସ୍ଥିତିରେ ଅସ୍ୱୀକାର କରାଯାଇ ପାରିବ ନାହିଁ। ଦଣ୍ଡନାଟର ଅନେକ ଗୀତ ଲୋକ ସାହିତ୍ୟରେ ଅନ୍ତର୍ଭୁକ୍ତ ଅଟେ। ଦଣ୍ଡ ସାହିତ୍ୟର ଗୀତକୁ କୌଣସି ସୁପ୍ରତିଷ୍ଠିତ ସାହିତ୍ୟରଥି ମାନଙ୍କ ଦ୍ୱାରା ରଚିତ ନୁହେଁ। ଗ୍ରାମିଣ ପରିବେଶରେ ଗ୍ରାମର ତତ୍‌କାଳୀନ ନିରକ୍ଷର ବ୍ୟକ୍ତି ବିଶେଷ ଦ୍ୱାରା ରଚିତ ହୋଇଥିଲା। ଏମାନଙ୍କ ଦ୍ୱାରା ରଚିତ ଦଣ୍ଡ ସାହିତ୍ୟ ଯେ କୌଣସି ପ୍ରସିଦ୍ଧ କବିଙ୍କ ସାରସ୍ୱତ କୃତି ଠାରୁ କୌଣସି ଗୁଣରେ କମ୍ ନୁହେଁ। ଏମାନଙ୍କ ଢଗଢମାଳି, ଗୀତ, ପ୍ରଭୃତି ପରମ୍ପରା କ୍ରମେ ଦଣ୍ଡନାଟରେ ପୁରୁଷାନୁକ୍ରମେ ସ୍ଥାନ ପାଇ ଆସୁଅଛି। ଦଣ୍ଡ ସାହିତ୍ୟରେ ବାହୁଲ୍ୟ ଓ ଅତିରଞ୍ଜନ ନାହିଁ। ଗ୍ରାମୀଣ ଜୀବନର ବାସ୍ତବ ସାମାଜିକ ଚିତ୍ର, ଭାବ, ଭକ୍ତି, ପ୍ରେମ, ବିର

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଅପ୍ରେଲ ୨୦୨୪ ମଙ୍ଗଳବାର

(ଫଟୋ:ସମ୍ବାଦ କଳିକା)

ଭୁବନେଶ୍ୱର: ୟୁନିଟ୍-୪ ନିକଟସ୍ଥ ନ୍ୟାସନାଲ୍ ଇନ୍‌ଫରମେଟିକ୍ ସେଣ୍ଟର (ଏନଆଇସି) ପକ୍ଷରୁ ଜଳଛତ୍ର କେନ୍ଦ୍ରରେ ଜଳଦାନ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇଁ ବ୍ରହ୍ମପୁରରେ ବୋହିନେଲେ ଏସି, କୁଲର ଓ ଫ୍ୟାନ୍

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ତାତି କନ୍ଦାଉଛି । ତାପମାତ୍ରା ସର୍ବୋଚ୍ଚ ରହୁଛି । ରାଜ୍ୟରେ ଅନେକ ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ଉପରକୁ ଟପିଲାଣି । ଆଗକୁ ଆହୁରି ବୃଦ୍ଧି ପାଇବ । ଏପରିକି ଏଲନିନୋ ପ୍ରଭାବରେ ଏଥର ଖରା ଜୋର୍ ହେବ । ଲୋକ ଖରା ତାତିରେ ଆଉଟୁପାଉଟୁ ହେବେ । ଖରାର ପ୍ରଖରତାକୁ ଦେଖି ବ୍ରହ୍ମପୁର ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ବଜାରରେ କିଣିବିକା ବଢ଼ିଯାଇଛି । ଏ.ସି , କୁଲର, ଫ୍ୟାନ୍ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି । ସକାଳୁ ରାତି ପର୍ଯ୍ୟନ୍ତ ବୋହି ନେଉଛନ୍ତି ଗ୍ରାହକ । ବଡ଼ ବଡ଼ କମ୍ପାନୀ ସୋ' ରୁମ୍ ଠାରୁ ଆରମ୍ଭ କରି ଛୋଟ ଦୋକାନ ପର୍ଯ୍ୟନ୍ତ ସବୁଠି ଗ୍ରାହକ । କେବଳ ନୂଆ ସାମଗ୍ରୀ କ୍ରୟ ବୃଦ୍ଧି ପାଇଛି ତାହା ନୁହେଁ ବରଂ ମରାମତି ଦୋକାନ ଏବଂ ସର୍ଭିସ ସେଣ୍ଟରରେ ବି ଭିଡ଼ ଜମିଲାଣି । ଖରାରୁ ବର୍ତ୍ତିବା ପାଇଁ ଲୋକ ସବୁ ପ୍ରକାର ଉଦ୍ୟମ କରୁଛନ୍ତି । ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଧନୀ, ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଗରିବ ଆଦି ଭିନ୍ନ ଭିନ୍ନ ଶ୍ରେଣୀର ଲୋକ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଛନ୍ତି । ତାପମାତ୍ରା ବୃଦ୍ଧିର ମୁକାବିଲା ପାଇଁ ଏ.ସି. ସର୍ବଶ୍ରେଷ୍ଠ ମାଧ୍ୟମ ହୋଇଛି । ମାତ୍ର ଅଧିକାଂଶ ଘରେ ଏହା ନାହିଁ । ଏହାର ମୂଲ୍ୟ ଅନ୍ୟାନ୍ୟ ବୈଦ୍ୟୁତିକ ସରଞ୍ଜାମ ଠାରୁ ଢ଼େର ଅଧିକ ହୋଇଥିବାରୁ ଉପଭୋକ୍ତା କିଣିବାକୁ ପଛଘୁଞ୍ଚା ଦେଉଛନ୍ତି । ମାତ୍ର ଖରା ବୃଦ୍ଧିକୁ ଦେଖି ପ୍ରତ୍ୟେକ ବର୍ଷ କେବଳ ବ୍ରହ୍ମପୁର ସହରରେ ୨୦ ହଜାର ଏସି ବିକ୍ରି ହେଉଛି । ଜାନୁଆରୀ ଠାରୁ ଏସି ବିକ୍ରି ଆରମ୍ଭ ହେଉଥିଲେ ବି ମାର୍ଚ୍ଚ ଠାରୁ ଜୁନ୍ ପର୍ଯ୍ୟନ୍ତ ବିକ୍ରି ଅନୁପାତ ବୃଦ୍ଧି ଘଟିଥାଏ ବୋଲି କିଛି ବ୍ୟବସାୟୀ ମତ ଦେଇଛନ୍ତି । ସେ କହିଛନ୍ତି କୋଭିଡ୍ ପାଇଁ ଗତ କିଛି ବର୍ଷ ହେବ ଏସି, କୁଲର ଓ ଫ୍ୟାନ୍ ବିକ୍ରି ହ୍ରାସ ଘଟିଥିଲା । ମାତ୍ର ଏବେ ଲୋକଙ୍କ

ଆୟ ବଢ଼ିବା ସହ କ୍ରୟ କ୍ଷମତା ବି ବଢ଼ିଛି । ବ୍ରହ୍ମପୁର ସହରରେ ୧୦ ରୁ ୧୫ ପ୍ରତିଶତ ଲୋକଙ୍କ ଘରେ ଏସି ରହିଛି । ଏବେବି ୮୫ ରୁ ୯୦ ପ୍ରତିଶତ ଲୋକ ଏସିର ବ୍ୟବହାର ଠାରୁ ଦୂରରେ ରହିଛନ୍ତି । କିନ୍ତୁ ପ୍ରତିବର୍ଷ ୨୦ ହଜାର ଏସି ବ୍ରହ୍ମପୁର ସହରରେ ବିକ୍ରି ହେଉଥିବାରୁ ଆସନ୍ତା ୫ ବର୍ଷରେ ପ୍ରାୟ ଘରେ ଏସି ରହିଥିବ ବୋଲି ବ୍ୟବସାୟୀଙ୍କ ଠାରୁ ପ୍ରକାଶ । ଅନ୍ୟପଟେ ଏସି ବ୍ୟବହାରକାରୀଙ୍କ ସଂଖ୍ୟା ଗ୍ରାମାଞ୍ଚଳରେ ଆହୁରି କମ୍ । ଅଧିକାଂଶ ପରିବାର ଫ୍ୟାନ୍ ଓ କୁଲରରେ କାମ ଚଳାଉଛନ୍ତି । ଏବେ ଏବେ ଗ୍ରାମାଞ୍ଚଳ ଉପଭୋକ୍ତା ଏସି ପ୍ରତି ଆକୃଷ୍ଟ ହେଉଛନ୍ତି ବୋଲି ବ୍ୟବସାୟୀମାନେ କହିଛନ୍ତି । ଖରା ଯୋଗୁଁ ବୈଦ୍ୟୁତିକ ଉପକରଣ ବିକ୍ରି ବୃଦ୍ଧି ହେଲା ଭଳି ଏହାର ମରାମତି ମଧ୍ୟ ବୃଦ୍ଧି ପାଇଛି । ସେଥିପାଇଁ ଫ୍ୟାନ୍ ଓ କୁଲର ମରାମତି ଦୋକାନରେ ଭିଡ଼ ଜମୁଛି । ଆଉ ଜଣେ ବ୍ୟବସାୟୀ କୁହନ୍ତି ଅନ୍ୟ ଦିନ ଅପେକ୍ଷା ଖରାଦିନେ ଅଧିକ ସଂଖ୍ୟାରେ ଫ୍ୟାନ୍ ମରାମତି ପାଇଁ ଆସୁଛି ଏବଂ ଏହା ସ୍ୱାଭାବିକ । ଅନ୍ୟଦିନେ ସାଧାରଣତଃ ଦିନକୁ ଗୋଟିଏ ବି ଫ୍ୟାନ୍ ମରାମତି ପାଇଁ ଆସୁନଥିବା ବେଳେ ଏବେ ଦିନକୁ ୧୦ରୁ ଅଧିକ ଫ୍ୟାନ୍ ମରାମତି ପାଇଁ ଆସୁଛି । ମାତ୍ର ସମସ୍ତ ଫ୍ୟାନ୍ ମରାମତି କରି ଗ୍ରାହକଙ୍କୁ ଫେରାଇବା ସମ୍ଭବ ହୋଇପାରୁନି । ଦିନରେ ୧୨ ଘଣ୍ଟାରୁ ଅଧିକ ପରିଶ୍ରମ କଲେ ୫ ରୁ ୬ଟି ଫ୍ୟାନ୍ ମରାମତି ହୋଇପାରୁଛି । ଖରାଦିନେ ଅତ୍ୟଧିକ ବ୍ୟବହାର, ଲୋ ଭୋଲ୍‌ଟେଜ୍ ସମସ୍ୟା ଏବଂ ନିୟମିତ ରକ୍ଷଣାବେକ୍ଷଣ ଅଭାବ ଏହି ସମୟରେ ଫ୍ୟାନ୍ ଓ କୁଲର ଭଳି ଅଧିକାଂଶ ବୈଦ୍ୟୁତିକ ସାମଗ୍ରୀ ଅଚଳ ହେବାର ପ୍ରମୁଖ କାରଣ ବୋଲି ବ୍ୟବସାୟୀ କହିଛନ୍ତି । ସେହିପରି କୁଲର ବିକ୍ରି ମଧ୍ୟ ଖରାଦିନେ ବୃଦ୍ଧି ପାଇଛି । ମାତ୍ର ବ୍ରହ୍ମପୁରର ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ କୁଲର ଏତେଟା ପ୍ରଭାବଶାଳୀ ହୋଇପାରେନି । ତେଣୁ ଲୋକେ ଏସି କିଣିବାକୁ ଅଧିକ ପସନ୍ଦ କରନ୍ତି ବୋଲି ବ୍ୟବସାୟୀ କୁହନ୍ତି ।

ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗିତା ନେଇ ସୋଆ ଏବଂ ବାଟୋଇ ସିଷ୍ଟମ୍ସ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗିତା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଓ ଭୁବନେଶ୍ୱରରେ ସ୍ଥିତ ବାଟୋଇ ସିଷ୍ଟମ୍ସ (ବାଟୋଇ) ମଧ୍ୟରେ ଶନିବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ବାଟୋଇ ହେଉଛି ଏକ ସଫ୍ଟୱେୟାର ଇଞ୍ଜିନିୟରିଂ ଅଟୋମେସନ୍ କମ୍ପାନୀ ଯାହାର ରାପିଡ୍ ଆପ୍ଲିକେସନ୍ ଡେଭଲପ୍‌ମେଣ୍ଟ (ରାଡ୍) ପ୍ଲାଟଫର୍ମ ଟେଲିମେଟ୍ରି ଟୁଲ୍‌ର ବିକାଶ ଓ ନିୟୋଜନ କ୍ଷେତ୍ରରେ କାର୍ଯ୍ୟ କରିଥାଏ । ବୁଝାମଣା ଅନୁଯାୟୀ ବାଟୋଇ ସୋଆକୁ ଏହାର ବାଟୋଇ ଏକାଡେମୀ ପ୍ଲାଟ୍‌ଫର୍ମ ବ୍ୟବହାର କରିବାକୁ ଦେବ ଓ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ଏବଂ କ୍ୱାଂଟମ୍ କମ୍ପ୍ୟୁଟିଙ୍ଗ୍ ଶିକ୍ଷା ଓ ଗବେଷଣା ନିମନ୍ତେ ଏକ ଟେକ୍ନୋଲୋଜି ଲ୍ୟାବ ପ୍ରତିଷ୍ଠା ଦିଗରେ ସାହାଯ୍ୟ କରିବ । ଏହି କମ୍ପାନୀ ସୋଆର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ଲାଇଭ୍ ପ୍ରୋଜେକ୍ଟ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ ଯାହାଦ୍ୱାରା କି ଛାତ୍ରଛାତ୍ରୀମାନେ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତୁତ ହୋଇପାରିବେ । ବିଭିନ୍ନ କର୍ମଶାଳା ଆୟୋଜନ କରିବା ସହ ବାଟୋଇ ସୋଆର ଛାତ୍ରଛାତ୍ରୀମାନଙ୍କୁ କ୍ୱାଂଟମ୍ କମ୍ପ୍ୟୁଟିଙ୍ଗ୍ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଇନ୍‌ଟର୍ଣ୍ଣସିପ୍ ଓ ନିଯୁକ୍ତିରେ ମଧ୍ୟ ସହାୟକ ହେବ । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ବାଟୋଇ ସିଷ୍ଟମ୍ସର ସିଇଓ ତଥା ନିର୍ଦ୍ଦେଶକ ଅଶ୍ୱିନୀ କୁମାର ରଥଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ସୋଆର ସେଣ୍ଟର ଫର୍ କ୍ୱାଂଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏବଂ ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ ।

ପାନୀୟ ଜଳ ନ ପାଇ ଲୋକେ ହଟହଟା

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଞ୍ଚାୟତ ମାଣିକପୁର ଗ୍ରାମରେ ଠିକାଦାରଙ୍କ ଦାୟିତ୍ୱ ହୀନତା ଯୋଗୁ ଦୀର୍ଘ ମାସେ ହେଲା ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବାର ଅଭିଯୋଗ ହୋଇଛି । ଏଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ମାଣିକପୁର ଗ୍ରାମଟି ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ । ନଦୀ କୂଳରେ ଏହି ଗ୍ରାମଟି ଥିବା ଯୋଗୁ ପାନୀୟ ଜଳ ପାଇଁ ଲୋକେ ନାହିଁ ନଥିବା ହଟହଟାର ସମ୍ମୁଖୀନ ହୋଇଥାନ୍ତି । ଏପରିକି ଏହି ଗ୍ରାମର ଅଧିକାଂଶ ଲୋକ ଗରିବ ଶ୍ରେଣୀୟ ଓ ଦଳିତ ସମ୍ପ୍ରଦାୟର ହୋଇଥିବୁ ନିଜର ବାଡି ବଗିଚାରେ ନଳକୂପ ଖନନ କରିପାରନ୍ତି ନାହିଁ । ସାନ୍ତପୁର ଗ୍ରାମପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପ ଉପରେ ଏହି ଗ୍ରାମର ଲୋକେ ପାନୀୟ ଜଳ ନିମନ୍ତେ ନିର୍ଭର କରିଥାନ୍ତି । ମାତ୍ର ଚିତ୍ରୋତ୍ପଳା ନଦୀ ବନ୍ଧର ଦକ୍ଷିଣ ପାର୍ଶ୍ୱରେ ଥିବା ବଳରାମପୁର ଠାରୁ କଂକଡା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କରାଯାଉଥିବା କାରଣରୁ ଠିକାଦାର ବେପରୁଆ ଭାବେ ଜେସିବି ମେସିନ୍ ସାହାଯ୍ୟରେ ବିଛାଯାଇଥିବା ପାଇପ୍ ଲାଇନ୍ ଗୁଡିକୁ କାଟି ଦେଇଛନ୍ତି । ଫଳରେ ପାଇପ୍ ଲାଇନ୍ ଗୁଡିକ କଟିଯାଇଥିବା କାରଣରୁ ଦୀର୍ଘ ମାସେ ହେଲା ଏହି ଗ୍ରାମର ଲୋକେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି । ନଚେତ ଆଗାମୀ ଦିନରେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

ରାଜନୈତିକ ସଭାରେ ଯୋଗଦେଇ ଶିକ୍ଷକ ନିଲମ୍ବିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜାରି ନିର୍ଦ୍ଦେଶ ଅନୁଯାୟୀ ଏକ ରାଜନୈତିକ ଦଳର ସଭାରେ ଉପସ୍ଥିତ ଥିବା ଅଭିଯୋଗରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲା ପଞ୍ଚାୟତ ବଡଲସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ଜିଲ୍ଲାପାଳ ଜେ. ସୋନାଲ ନିଲମ୍ବନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଗତ ୧୫ ତାରିଖ ଦିନ ସମ୍ପୃକ୍ତ ସହକାରୀ ଶିକ୍ଷକ ରୋହିତାଶ୍ୱ ମଲ୍ଲିକ କଣ୍ଟାମାଳ ଠାରେ ଅନୁଷ୍ଠିତ ଏକ ରାଜନୈତିକ ଦଳର ସଭାରେ ଉପସ୍ଥିତ ଥିଲେ । ତାଙ୍କର ଫଟୋ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଜେ. ସୋନାଲ ତାଙ୍କୁ ନିଲମ୍ବନ ଆଦେଶ ଦେଇଛନ୍ତି । ନିଲମ୍ବନ ସମୟରେ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି ।

୧୨ ତମ ଶ୍ରାଦ୍ଧବାର୍ଷିକୀରେ ବକ୍ତାଙ୍କ ମତ:ନଳିନୀ ମହାନ୍ତି ଜଣେ ମିଷ୍ଟଭାଷୀ, ସାହସୀ ଜନନେତା ଥିଲେ

ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଅବିଭକ୍ତ ରାଜନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଅଞ୍ଚଳର ଜଣେ ଦରଦୀ ବନ୍ଧୁ ଜନମାନସର ନେତା ସ୍ୱର୍ଗତ ନଳିନୀ ମହାନ୍ତିଙ୍କର ୧୨ ତମ ଶ୍ରଦ୍ଧ ବାର୍ଷିକୀ ମହାକାଳପଡ଼ାରେ ପାଳିତ ହୋଇଯାଇଛି । ବରିଷ୍ଠ ନେତା ନିରାକାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଅମ୍ଳାନକୃତିତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ । ସେ ଜଣେ ମିଷ୍ଟଭାଷୀ, ସାହସୀ ଓ ଜନନେତା ଥିଲେ । ମହାକାଳପଡ଼ା କାହିଁକି ସାରା ଓଡ଼ିଶାରେ ସେ ଜଣେ ପରିଚିତ ଚେହେରା ଏବଂ ନିର୍ମଳ ଭାବମୂର୍ତ୍ତିର ବ୍ୟକ୍ତିତ୍ୱ ଥିଲେ ବୋଲି ବକ୍ତାମାନେ ଯୋଗଦେଇ କହିଥିଲେ । ଓଡ଼ିଶା ରାଜନୀତିର ପ୍ରବୀଣ ରାଜନୀତିଜ୍ଞ ଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁବାବୁଙ୍କର ଏକାନ୍ତ ଅନୁଗତ ଥିଲେ ବୋଲି ବକ୍ତାମାନେ କହିଥିଲେ । ପ୍ରଥମେ ଶ୍ରୀ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ପାଇଁ ନୀରବ ପ୍ରାର୍ଥନା ମଧ୍ୟ କରାଯାଇଥିଲା । ଏଥିରେ ଯୁବନେତା ରାକେଶ ମହାନ୍ତି, ନଳିନୀ ମହାନ୍ତିଙ୍କୁ ଭଲପାଉଥିବା ରଘୁନାଥ ସେଠୀ, ପ୍ରତାପ ନାୟକ, ଅରୁଣ ରାଉତ, ବିବେକାନନ୍ଦ ମହାରଥି, ଭରଦ୍ୱାଜ ଦାସ, ପ୍ରେମାନନ୍ଦ ସାମନ୍ତରାୟ, ରବିନ୍ଦ୍ର ସ୍ୱାଇଁ, ଦାମୋଦର ବେହେରା, ଚିତରଞ୍ଜନ ତରାଇ, ସତ୍ୟବ୍ରତ ତରାଇ, କେଦାରନାଥ ପାଇଲି, ବେଣୁଧର ଜେନା, ସୁରେଶ ଜେନା, ଜନ୍ମେଜୟ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ନଳିନୀ ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ଓ ବ୍ୟକ୍ତିଗତ ଜୀବନରେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କୁ ସେବା କରିବା ଓ ସୁସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ଉପସ୍ଥିତ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ । ମହାକାଳପଡ଼ା ସଦର ମହକୁମାରେ ରଘୁନାଥ ସେଠୀଙ୍କ ଆହ୍ୱାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ରେମୁଣା ନିର୍ବାଚନ ମଣ୍ଡଳୀ ୩୯ ନଂ ଜୋନ୍‌ରେ କଂଗ୍ରେସର କର୍ମୀ ବୈଠକ

ବାଲେଶ୍ୱର, ନ୍ୟୁଜ୍

ରେମୁଣା ନିର୍ବାଚନ ମଣ୍ଡଳୀ ୩୯ ନଂ ଜୋନ୍‌ରେ ଏକ କଂଗ୍ରେସ କର୍ମୀ ବୈଠକ ନିଜାମପୁର ପଞ୍ଚାୟତର ଲଙ୍କାପୋଡା ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ବୈଠକରେ ରେମୁଣା ବ୍ଲକ ସଭାପତି ତରୁଣ ଦାସ ସଭାପତିତ୍ୱ କରିଥିଲେ । ବାଲେଶ୍ୱର ଜିଲ୍ଲା ସଭାପତି ସଞ୍ଜୀବ ଗିରି ତାଙ୍କ ବକ୍ତବ୍ୟରେ କର୍ମୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆପଣମାନେ କେବଳ ବିଜେଡି ଓ ବିଜେପିର ନେତା ଓ କର୍ମୀମାନଙ୍କୁ ପ୍ରଶ୍ନ ପଚାରନ୍ତୁ ସେମାନେ ଶାସନରେ ରହି ଲୋକମାନଙ୍କର କ'ଣ କରିଛନ୍ତି ? ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା ତାଙ୍କ ବକ୍ତବ୍ୟରେ ୨୦୦୯ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ସାଂସଦ ଭାବେ ଶ୍ରୀକାନ୍ତ ଜେନା ଓ ବିଧାୟକ ଭାବେ ସେ ନିଜେ ରହି ରେମୁଣା ଅଞ୍ଚଳର ଯେଉଁ ସବୁ ବିକାଶ କରିଛନ୍ତି ପରବର୍ତ୍ତୀ ସମୟରେ ସେଭଳି ଭାବେ କୌଣସି ଆଖିଦୃଶିଆ କାମ ରେମୁଣା ନିର୍ବାଚନ ମଣ୍ଡଳୀରେ ହୋଇନାହିଁ । ତେଣୁ ପୁଣି ଥରେ ଆପଣମାନେ ଏହି ୨୦୨୪ ନିର୍ବାଚନରେ ଲଢେଇ କରି ସେହି

ସୁଯୋଗକୁ ଶ୍ରୀକାନ୍ତ ଜେନା ଓ ମୋତେ ଦିଆଗଲେ ପୁଣି ଏହି ରେମୁଣା ଉନ୍ନତି ପଥରେ ଆଗେଇ ଯିବ ବୋଲି କର୍ମୀମାନଙ୍କୁ ବୁଝାଇଥିଲେ । ବାଲେଶ୍ୱର ସାଂସଦ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବାଲେଶ୍ୱରର ଉନ୍ନତି ପଥର ସାରଥୀ ଶ୍ରୀକାନ୍ତ ଜେନା କହିଥିଲେ କି ମୁଁ ସେତେବେଳେ ବି କହିଥିଲି ଦିଲ୍ଲୀ ବାଲେଶ୍ୱର ଦ୍ୱାରସ୍ଥ ହେବ । ଆଜି ବି କହୁଛି ବାଲେଶ୍ୱର ଦିଲ୍ଲୀର ଦ୍ୱାରସ୍ଥ ନହୋଇ ଦିଲ୍ଲୀ ବାଲେଶ୍ୱରର ଦ୍ୱାରସ୍ଥ ହେବ । ତାଙ୍କ ସାଂସଦ ଓ ମନ୍ତ୍ରୀତ୍ୱ ସମୟରେ ସିପେଟ, ମେଡ଼ିକାଲ କଲେଜ, ଏମ୍ସ, ବାଂକତିରା ଜଳସେଚନ ପ୍ରକଳ୍ପ, ଗଙ୍ଗାହାର, ସୋନ, ବୁଢ଼ାବଳଙ୍ଗ ଆଦି ନଦୀ ଉପରେ ପୋଲ ପ୍ରଭୃତି ଠାରୁ ଆରମ୍ଭ କରି ଜଳେଶ୍ୱରରେ ଦୁଇଟି, ଶୋଭାରାମ ପୁର, ତାମୂଳିଆ, ସୋର ୫ଟି ରେଳ କ୍ରସିଂରେ ଉଡ଼ନ୍ତା ପୋଲ ହୋଇଥିବା ଉଦାହରଣ ଦେଇଥିଲେ । ସେ କହିଥିଲେ କି ଆମ ଶାସନ କାଳରେ ଯେଉଁ ସବୁ କାମ କରିଛୁ ଆମେ ମୁହଁ ଉପରକୁ ଟେକି ଆଖିରେ ଆଖି ମିଶେଇ କହୁଛୁ । ଆମକୁ ଯେତେବେଳେ ଜନତା ଭୋଟ ଦେଇ ଜିତାଇଛନ୍ତି ଆମେ ସେତେବେଳେ ଜନତାଙ୍କ ବିଶ୍ୱାସକୁ ସମ୍ମାନ ଦେଇଛୁ । କିନ୍ତୁ ମୁଁ ଆହ୍ୱାନ କରୁଛି ବିଜେଡି ଓ ବିଜେପି ପ୍ରାର୍ଥୀ ବନ୍ଧୁ ମାନଙ୍କୁ ଆସନ୍ତୁ ଡିବେଟକୁ ଏବଂ ମୁହଁ ଟେକି କୁହନ୍ତୁ ସେମାନେ ତାଙ୍କ ଶାସନ କାଳରେ ଲୋକଙ୍କ ହିତରେ କଣ କରିଛନ୍ତି ? କିଛି କହି ପାରିବେ ନାହିଁ । ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼. ମନମୋହନ ସିଂ ଯେଭଳି ଭାବେ ଚୁପ୍ ରହି କାମ କରିଯାନ୍ତି, କଥା କମ୍ କୁହନ୍ତି, ସେହିଭଳି ଆମେ କମ୍ କଥା କହୁ ଓ ବେଶି କାମ କରୁ । ବିଜେଡି ବିଜେପି ବେଶି କଥା କୁହନ୍ତି, କାମ କରନ୍ତି ଶୂନ୍ୟ । ଶ୍ରୀ ଜେନା ଉପସ୍ଥିତ କର୍ମୀମାନଙ୍କୁ କଂଗ୍ରେସକୁ ତନ ମନ ଓ ଧନ ସାହାଯ୍ୟ କରିବାକୁ କହିବା କ୍ଷଣି ସେଠାରେ ଉପସ୍ଥିତ କର୍ମୀ ମାନଙ୍କ ମଧ୍ୟରୁ କିଛି କର୍ମୀ ସକ୍ଷମ ଅନୁଯାଇ ଅର୍ଥ ସାହାଯ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ କୁମାର ଦାସ, ରଞ୍ଜନ ଦାସ, ଅକ୍ଷୟ ମଲିକ, ନିଶୀତ ବାରିକ, କହ୍ନେଇ ବେହେରା, କୁମୁଦୁନି ଦାସ, କହ୍ନେଇ ପ୍ରଧାନ, ଅରୁଣ ଜେନା, ନିରଞ୍ଜନ ବେହେରା, ଗଣେଷ ପଣ୍ଡା, ଶ୍ରୀକାନ୍ତ ପତି, ରାମଚନ୍ଦ୍ର ପ୍ରଧାନ, ପରିତୋଷ ମଣ୍ଡଳ, ଲମ୍ବୋଦର ମହାନ୍ତି, ବଲାଇ ଦାସ, ଅଚ୍ୟୁତ ନନ୍ଦ, ରାମନାରାୟଣ ଶତପଥୀ, ସୁବ୍ରତ ରାଉଳ, ମଧୁସୂଧନ ରାଉତ, ଅଜୟ ଜେନା, କମଲଲୋଚନ ଆଚାର୍ଯ୍ୟ, ଆରତୀ ଜେନା, କବିତା ଜେନା, ରତ୍ନାକର ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଅପ୍ରେଲ, ମଙ୍ଗଳବାର, ୨୦୨୪
ପୃଷ୍ଠା – ୬

ଇତିହାସ ରଚିଲେ ଚେସ୍ ତାରକା ଡି ଗୁକେଶ

ଟରଣ୍ଟୋ

ଚେସ୍ ପ୍ରତିଯୋଗିତାରେ ଇତିହାସ ରଚିଛନ୍ତି ୧୭ ବର୍ଷୀୟ ଗ୍ରାଣ୍ଡମାଷ୍ଟର ଗୁକେଶ ଡୋମାରାଜୁ। ସର୍ବକନିଷ୍ଠ ପ୍ରତିଯୋଗୀ ଭାବେ ସେ ସମ୍ମାନଜନକ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ବିଜୟ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି ବିଜୟ ସହ ୱାଲ୍ଡ ଚମ୍ପିଅନସିପ୍‌ରେ ନିଜ ସ୍ଥାନ ପକ୍କା କରିଛନ୍ତି ଗୁକେଶ।

କାନାଡ଼ାର ଟୋରୋଣ୍ଟୋରେ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହି ମୁକାବିଲାର ଅନ୍ତିମ ରାଉଣ୍ଡ ବା ୧୪ ରାଉଣ୍ଡରେ ଆମେରିକାର ହିକାରୁ ନାକାମାରୁଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି ଗୁକେଶ। ସେ ରାଉଣ୍ଡ ୧୩ରେ ଫ୍ରାନ୍ସର ଅଲିରେଜୋ ଫଇରୌଜାଙ୍କୁ ହରାଇ ୧୪ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଆଉ ଶେଷରେ ବିଜୟୀ ହୋଇଛନ୍ତି। ଏହି ବିଜୟ ସହ ଗୁକେଶ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ବିଜୟୀ ହେବାରେ ଭାରତର ଦ୍ୱିତୀୟ ଚେସ୍ ତାରକା ହୋଇ ପାରିଛନ୍ତି। ତାଙ୍କ ପୂର୍ବରୁ ବିଶ୍ୱନାଥନ ଆନନ୍ଦ କ୍ୟାଣ୍ଡିଡେଟ୍ସ ଚେସ୍ ବିଜେତା ହୋଇଥିଲେ। କିନ୍ତୁ ସର୍ବକନିଷ୍ଠ ପ୍ରତିଯୋଗୀ ଭାବେ ଏହି ଟାଇଟଲ ହାସଲ କରିବାରେ ଗୁକେଶ ପ୍ରଥମ। ଚଳିତ ବର୍ଷ ଶେଷରେ ୱାଲ୍ଡ ଚମ୍ପିଅନସିପ୍ ମୁକାବିଲା ହେବ। ଏହି ମୁକାବିଲାରେ ଗୁକେଶ ଡିଫେଣ୍ଡିଂ ଚମ୍ପିଅନ ଚୀନ୍‌ର ଡିଙ୍ଗ ଲିନେରଙ୍କୁ ଭେଟିବେ।

ଅମ୍ପାୟାରଙ୍କ ସହ ଯୁକ୍ତିତର୍କ : ବିରାଟଙ୍କ ୫୦% ମ୍ୟାଚ୍ ଫି' କଟିଲା

ନୂଆଦିଲ୍ଲୀ

ପଡ଼ିଆରେ ନିଜ ରାଗ ପ୍ରଦର୍ଶନ କରିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବ୍ୟାଟର ବିରାଟ କୋହଲିଙ୍କୁ ମହଙ୍ଗା ପଡ଼ିଛି। କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ବିରାଟ ଅମ୍ପାୟାରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ଅମ୍ପାୟାରଙ୍କ ନିଷ୍ପତ୍ତିରେ ଏକମତ ନ ହୋଇ ଯୁକ୍ତିତର୍କ କରିଥିଲେ। ଏଥିପାଇଁ ତାଙ୍କ ଉପରେ ମୋଟା ଅଙ୍କର ଜରିମାନା ଲାଗିଛି। ତାଙ୍କ ମ୍ୟାଚ୍ ଫି' ୫୦% କଟିଛି। କେକେଆର ବିପକ୍ଷରେ ବିରାଟ ବିବାଦୀୟ ସ୍ଥିତିରେ ଆଉଟ ହୋଇଥିଲେ। ଏହାପରେ ସେ ଅମ୍ପାୟାରଙ୍କ ସହ ଯୁକ୍ତି କରିଥିଲେ।

ଆଇପିଏଲ ପକ୍ଷରୁ ଜାରି ଗୋଟିଏ ବିବୃତ୍ତିରେ କୁହାଯାଇଛି ଯେ କୋହଲି ଆଇପିଏଲ ଆଚରଣ ବିଧିର ଧାରା ୨.୮ ଅଧୀନରେ ଥିବା ଲେଭଲ ୧ ଅପରାଧ କରିଛନ୍ତି। ସେ ନିଜର ଦୋଷକୁ ସ୍ୱୀକାର କରିଛନ୍ତି। ଏଥିସହ ମ୍ୟାଚ୍ ରେଫ୍‌ରୀଙ୍କ କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରିଛନ୍ତି। ଲେଭଲ ୧ ଆଚରଣ ବିଧି ଉଲ୍ଲଙ୍ଘନ ଯୋଗୁ ତାଙ୍କ ମ୍ୟାଚ୍ ଫି ୫୦% କଟିଛି। ଏହାପୂର୍ବରୁ ଧିମା ବୋଲିଂ ପାଇଁ ଆରସିବିର ଅଧିନାୟକ ଫାଫ୍ ଡୁପ୍ଲେସିସ୍‌ଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଥିଲା।

କେକେଆର ବିପକ୍ଷରେ ଆରସିବି ୨୨୩ ରନର ଟାର୍ଗେଟକୁ ପିଛା କରୁଥିଲା। ଆରସିବି ଇନିଂସ ୩ୟ ଓଭରରେ ହର୍ଷିତ ରାଣାଙ୍କ ଗୋଟିଏ ଫୁଲ୍‌ଟସ୍‌ରେ ବିରାଟ ଆଉଟ ହୋଇଥିଲେ। ଖାଲି ଆଖିରେ ବଲ୍‌ଟି ବିରାଟଙ୍କ ଅଣ୍ଟା ଉପରେ ରହିଥିବା ଦେଖିବାକୁ ମିଳିଥିଲା। ତଥାପି ଅନ ଫିଲ୍ଡ ଅମ୍ପାୟାର ନୋ ବଲ୍ ଦେଇ ନଥିଲେ। ଅନ୍ ଫିଲ୍ଡ ଅମ୍ପାୟାର ତୃତୀୟ ଅମ୍ପାୟାରଙ୍କୁ ରିଭ୍ୟୁ କରିବାକୁ କହିଥିଲେ। ତୃତୀୟ ଅମ୍ପାୟାର ମଧ୍ୟ ଏହାକୁ ନୋ ବଲ୍ ଦେଇ ନଥିଲେ। ବରଂ ବିରାଟଙ୍କୁ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିବାକୁ ପଡ଼ିଥିଲା।

ସେ ରାଗରେ ଡ୍ରେସିଂ ରୁମ୍‌କୁ ଆଡ଼କୁ ଯାଉଥିଲେ। କିନ୍ତୁ ପୁଣି ପଛକୁ ଆସି ଦୁଇ ଅନ ଫିଲ୍ଡ ଅମ୍ପାୟାରଙ୍କ ସହ କିଛି ସେକେଣ୍ଡ ଯୁକ୍ତିତର୍କ କରିଥିଲେ। ଶେଷରେ ସେ ବେଶ୍ ନିରାଶ ହୋଇ ପ୍ୟାଭିଲିୟନକୁ ଯାଇଥିଲେ। ଆଉଟ ହେବା ପୂର୍ବରୁ ସେ ୭ ବଲରେ ୧୮ ରନ କରି କେକେଆର ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ। ହେଲେ ରାଣାଙ୍କ ଧିମା ଫୁଲଟସ୍‌କୁ ସେ ବୁଝି ନ ପାରି ବିବାଦୀୟ ଢଙ୍ଗରେ ଆଉଟ୍ ହୋଇଥିଲେ। ଥାର୍ଡ ଅମ୍ପାୟାର ରାଣାଙ୍କ ବଲକୁ ନୋ ଡାକି ନଥିଲେ ମଧ୍ୟ କିଛି କ୍ରିକେଟ ପଣ୍ଡିତ ବିରାଟଙ୍କୁ ତ୍ରୁଟିପୂର୍ଣ୍ଣ ଭାବେ ଆଉଟ ଘୋଷିତ କରାଯାଇଥିବା କହିଛନ୍ତି। ବିରାଟଙ୍କୁ ରାଣା ବିମର ମାଡ଼ କରିଥିଲେ। ଏହା ଲାଇନ ଠାରୁ ୧.୫ ଫୁଟ୍ ଉପରେ ବ୍ୟାଟ୍ ସହ ମାଡ଼ ହୋଇଥିଲା। ଏହା ଧିମା ଥିବା ଓ ତଳକୁ ଖସୁଥିବା ଆଳ ଦେଖାଇ ନୋ ବଲ୍ ଡାକିବା ଠିକ୍ ନୁହେଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବିରାଟ ସଅଳ ଆଉଟ୍ ହୋଇଥିଲେ ମଧ୍ୟ ଆରସିବିର ଅନ୍ୟ ବ୍ୟାଟରମାନେ ଶେଷ ଯାଏ ଲଢ଼େଇ କରିଥିଲେ। କିନ୍ତୁ ଦଳକୁ ମାତ୍ର ଗୋଟିଏ ରନରେ କେକେଆର ଠାରୁ ହାରିବାକୁ ପଡ଼ିଥିଲା।

ପାକ୍ ଖେଳାଳିଙ୍କ ହାତରେ ଭାରତୀୟ ପତାକା

ଦୁବାଇ

ଦୁବାଇରେ ଆୟୋଜିତ କରାଟେ କମ୍ବାଟ ପ୍ରତିଯୋଗିତାରେ ଏକ ଅଭିନବ ଦୃଶ୍ୟ ଦେଖିବାକୁ ମିଳିଥିଲା। ପାକିସ୍ତାନୀ ଖେଳାଳି ଜିତିବା ପରେ ନିଜ ଦେଶ ସହ ଭାରତୀୟ ପତାକା ନେଇ ମଞ୍ଚ ଉପରକୁ ଯାଇଥିଲେ। ଏଭଳି କରିବା ପଛର କାରଣ ବର୍ଣ୍ଣନା କରିବାକୁ ଯାଇ ଶାହଜେବ ରିନ୍ଦ କହିଥିଲେ ଯେ ଏହି ଲଢ଼େଇ ଶାନ୍ତି ପାଇଁ ଥିଲା। ଆମେ ଶତ୍ରୁ ନୁହଁ, ଭାଇ ଭାଇ। ଏକାଠି ଆମେ ବହୁତ କିଛି କରି ପାରିବୁ। ଏହି ଲଢ଼େଇ ମାଧ୍ୟମରେ ଆମେ ଭାରତ ଓ ପାକିସ୍ତାନକୁ ନିକଟତର କରିବାକୁ ଉଦ୍ୟମ କରିଛୁ। ତାଙ୍କର ଏଭଳି ପଦକ୍ଷେପକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଥିଲେ। ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କ ଉପସ୍ଥିତିରେ ଶାହଜେବ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତର ରାନା ସିଂହଙ୍କୁ ହରାଇ ବିଜେତା ହୋଇଥିଲେ।

ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବିଦ୍ୟୁତ ବିଭାଗ ଚମ୍ପିଅନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍, ଦ୍ୱାରା ଆୟୋଜିତ ଆନ୍ତର୍ବିଭାଗୀୟ ଦିବା ରାତ୍ର ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ବିଦ୍ୟୁତ ବିଭାଗ ଏବଂ ବିଦ୍ୟୁତ (ଓପି)ବିଭାଗ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିଦ୍ୟୁତ ବିଭାଗ ଟୁର୍ଣ୍ଣାମେଣ୍ଟରେ ବିଜୟ ହାସଲ କରିଛି।

୧୦ ଏପ୍ରିଲ ୨୦୨୪ରେ ଖୋର୍ଦ୍ଧା ରୋଡ୍ ରେଲୱେ ଷ୍ଟାଡ଼ିୟମ୍‌ରେ, ଆନ୍ତର୍ବିଭାଗୀୟ ଦିବା ରାତ୍ର ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ୧୨ଟି ବିଭାଗ ଅଂଶଗ୍ରହଣ କରିଥିଲେ। ସମସ୍ତ ବିଭାଗ ମଧ୍ୟରେ ମୋଟ୍ ୩୦ଟି ଲିଗ୍ ମ୍ୟାଚ୍ ଏବଂ ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ ବିଭାଗ ଏବଂ ବିଦ୍ୟୁତ (ଓପି)ବିଭାଗ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିଦ୍ୟୁତ ବିଭାଗ ୫୯ ରନ ବ୍ୟବଧାନରେ ବିଜୟ ହାସଲ କରିଛି।

ଖୋର୍ଦ୍ଧା ରୋଡ଼ ମଣ୍ଡଳର ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ବିଜେତା ତଥା ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଏଚ୍.ଏସ୍. ବାଜୱା ବିଜେତା ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟୁତ ବିଭାଗର ଆଇ.ଏସ୍. ଗିରି ମ୍ୟାନ ଅଫ ଦି ସିରିଜ ଏବଂ ମ୍ୟାନ ଅଫ ଦି ଫାଇନାଲ ମ୍ୟାଚ୍ ଟ୍ରଫି ହାସିଲ କରିଛନ୍ତି। ବିଦ୍ୟୁତ ବିଭାଗର ପ୍ରକାଶ ଚନ୍ଦ୍ର ସାହୁ ଶ୍ରେଷ୍ଠ ବୋଲର ଟ୍ରଫି, ବାଣିଜ୍ୟ ବିଭାଗର ପି. ରବି କିରନ ଶ୍ରେଷ୍ଠ ଫିଲ୍ଡର ଟ୍ରଫି ଏବଂ ବିତ୍ତ ବିଭାଗର ଅଜିତ ପଟ୍ଟନାୟକ ଶ୍ରେଷ୍ଠ ବ୍ୟାଟ୍‌ମ୍ୟାନ ଟ୍ରଫି ଜିତିଛନ୍ତି। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନର ସଦସ୍ୟ, ଅନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀ ମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଆନ୍ତର୍ବିଭାଗୀୟ ଦିବା ରାତ୍ର ଟେନିସ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱ ତଥା ନିର୍ଦ୍ଦେଶନାରେ ପରିଚାଳିତ ହୋଇଥିଲା। ସମସ୍ତ ଟୁର୍ଣ୍ଣାମେଣ୍ଟଗୁଡ଼ିକ, କ୍ରୀଡ଼ା ସଚିବ ଏମ୍.ଡି.ଜାକିରୁଦ୍ଦିନ ଏବଂ ଖୋର୍ଦ୍ଧା ରୋଡ଼ କ୍ରୀଡ଼ା ସଙ୍ଗଠନର ସଦସ୍ୟ ମାନେ ସଂଯୋଜନା କରିଥିଲେ।

ଆଇପିଏଲ୍‌ରେ ଇତିହାସ ରଚିଲେ ଚହଲ

ଜୟପୁର

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଇତିହାସରେ ଯୁଜବେନ୍ଦ୍ର ଚହଲ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଚହଲ ସେହି ସଫଳତା ପାଇଛନ୍ତି, ଯାହା ଆଜି ପର୍ଯ୍ୟନ୍ତ କୌଣସି ବୋଲି ହାସଲ କରିପାରି ନାହାନ୍ତି। କେବଳ ଆଇପିଏଲ ନୁହେଁ ଦୁନିଆର କୌଣସି ବି କ୍ରିକେଟ ଲିଗ୍‌ରେ ଚହଲ ପ୍ରଥମ ବୋଲର ଭାବେ ଏହି ରେକର୍ଡ଼ ନିଜ ନାମରେ କରିଛନ୍ତି। ସେ ଆଇପିଏଲ୍ କ୍ୟାରିୟରରେ ୨୦୦ ୱିକେଟ୍ ପୂରଣ କରିଛନ୍ତି। ଚହଲ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ମହମ୍ମଦ ନବିଙ୍କୁ ଆଉଟ୍ କରି ଆଇପିଏଲ୍ କ୍ୟାରିୟରରେ ୨୦୦ ୱିକେଟ୍ ପୂରଣ କରିଛନ୍ତି। ଆଇପିଏଲ୍‌ରେ ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ହେଉଛନ୍ତି ଡ୍ୱେନ୍ ବ୍ରାଭୋ। ସେ ନିଜ କ୍ୟାରିୟରରେ ୧୮୩ ୱିକେଟ୍ ଅକ୍ତିଆର କରିଛନ୍ତି। ଚହଲ ଆଇପିଏଲ୍‌ରେ ନିଜର ପ୍ରଥମ ମ୍ୟାଚ୍ ୨୦୧୩ରେ ଖେଳିଥିଲେ। ଗତ ୧୨ ବର୍ଷ ଧରି ଲମ୍ବା ଯାତ୍ରାରେ ସେ ୩ଟି ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

କନ୍ୟା ସନ୍ତାନଙ୍କୁ ଫୁଟ୍‌ବଲ୍ ଖେଳାଇବାକୁ ସଚିନଙ୍କ ଆହ୍ୱାନ

ନୂଆଦିଲ୍ଲୀ

ଅଧିକରୁ ଅଧିକ କନ୍ୟା ସନ୍ତାନଙ୍କୁ ଫୁଟ୍‌ବଲ ଖେଳିବାକୁ ଛାଡ଼ିବାକୁ ଦେଶର ଅବିଭାବକମାନଙ୍କୁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଆହ୍ୱାନ କରିଛନ୍ତି। ସେହିଭଳି ଝିଅମାନଙ୍କ ଫୁଟ୍‌ବଲର ହେବାର ସ୍ୱପ୍ନକୁ ସାକାର କରିବାକୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ତାଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବାଳିକା ଫୁଟ୍‌ବଲ୍ ଦଳର ଖେଳାଳିଙ୍କ ସହ ଆଲୋଚନା କଲା ବେଳେ ସଚିନ ଓ ତାଙ୍କ ପତ୍ନୀ ଅଞ୍ଜଳି ସେମାନଙ୍କୁ ବ୍ୟକ୍ତିଗତ ଭାବେ ସହଯୋଗ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ବି ଦେଇଛନ୍ତି। ଫୁଟ୍‌ବଲ ମାଧ୍ୟମରେ ଝିଅମାନଙ୍କୁ ସଶକ୍ତ କରିହେବ। ଏହି ଖେଳ ସେମାନଙ୍କ ଜୀବନର ଗତିପଥ ବଦଳାଇଦେବ। ପିଲାମାନେ ଫୁଟ୍‌ବଲ ଖେଳିବାକୁ ଚାହୁଁଥିଲେ ମଧ୍ୟ ଅନେକ ସମୟରେ ଅବିଭାବକମାନେ ଏହାକୁ ପସନ୍ଦ କରିନ୍ତିନି। ଅବିଭାବକମାନଙ୍କୁ ଏହି ଚିନ୍ତାଧାରା ବଦଳାଇବାକୁ ହେବ ବୋଲି ଏହି ଅବସରରେ ସଚିନ କହିଥିଲେ।

ବର୍ଷ ବଦଳିଲା କିନ୍ତୁ ବଦଳିଲାନାହିଁ ଆରସିବିର ଭାଗ୍ୟ

କୋଲକାତା

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଶେଷ ଥର ପାଇଁ ୨୦୨୨ରେ ଇଣ୍ଡିଆନ ପ୍ରିମିୟର ଲିଗରେ ପ୍ଲେ ଅଫରେ ପହଞ୍ଚିଥିଲା ରବିବାର ଖେଳାଯାଇଥିବା ରୋମାଞ୍ଚକର ମ୍ୟାଚ୍‌ରେ କେକେଆର ୧ ରନ୍‌ରେ ଆରସିବିକୁ ପରାସ୍ତ କରିଛି। ଏହାପୂର୍ବରୁ ୨୦୨୩ରେ ମଧ୍ୟ ବେଙ୍ଗାଲୁରୁ ପ୍ଲେ ଅଫରେ ପହଞ୍ଚିପାରି ନ ଥିଲା ଏବଂ ଏବେ ଆଇପିଏଲ ୨୦୨୪ରେ ମଧ୍ୟ ଦଳର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଛି। ଫାଫ ଡୁ ପ୍ଲେସିସ୍‌ଙ୍କ ଅଧିନାୟକତ୍ୱରେ ବେଙ୍ଗାଲୁରୁ ଚଳିତ ସିଜନ୍‌ରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୮ଟି ମ୍ୟାଚ୍ ମାତ୍ର ଗୋଟିଏ ବିଜୟ ହାସଲ କରିଛି। ଆରସିବିରେ ବର୍ତ୍ତମାନ ୨ ପଏଣ୍ଟ ରହିଛି ଏବଂ ପଏଣ୍ଟ ଟେବୁଲରେ ଦଳ ଶେଷ ସ୍ଥାନରେ ଅଛି। ଏଠାରୁ ଯଦିଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହାର ଅବଶିଷ୍ଟ ୬ଟି ମ୍ୟାଚ୍ ଜିତିଲେ ମଧ୍ୟ ପ୍ଲେ ଅଫ୍‌ରେ ପହଞ୍ଚିବା କଷ୍ଟକର ହୋଇଯିବ। ବେଙ୍ଗାଲୁରୁ ପାଇଁ ଏହା ଏକ ନୂଆ କଥା ନୁହେଁ, କାରଣ ଆଇପିଏଲ ୨୦୨୩ରେ ମଧ୍ୟ ଏମିତି ପ୍ରଦର୍ଶନ କରି ଦଳ ପ୍ଲେ ଅଫ ସ୍ଥାନ ସୁରକ୍ଷିତ କରିପାରି ନ ଥିଲା।

ଆଇପିଏଲ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କେବଳ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ଆସିଥିଲା। ସେମାନେ ସେହି ମ୍ୟାଚ୍‌କୁ ୪ ଉଇକେଟରେ ଜିତିଥିଲେ। ଏହା ପରେ ହାଇଦ୍ରାବାଦ, ଲକ୍ଷ୍ନୌ, ରାଜସ୍ଥାନ ଏବଂ ମୁମ୍ବାଇ ବିପକ୍ଷରେ ଆରସିବିକୁ ଦୁଇଥର ଏବଂ ଥରେ କୋଲକାତା ମୁକାବିଲା କରିବାକୁ ପଡ଼ିବ। ଆଇପିଏଲ ୨୦୧୯ରେ ଆରସିବି କ୍ରମାଗତ ୭ଟି ମ୍ୟାଚ୍ ହାରିଥିଲା ଏବଂ ବର୍ତ୍ତମାନ ଦଳ ସେହି ଲଜ୍ଜାଜନକ ରେକର୍ଡ ଭାଙ୍ଗିବାକୁ ନିକଟତର ହୋଇଛି। କାରଣ ଏହି ସିଜନ୍‌ରେ ଦଳ କ୍ରମାଗତ ୬ଟି ମ୍ୟାଚ୍ ହାରିଛି। ଯଦି ଆରସିବି ଏଠାରୁ ବାକି ସମସ୍ତ ୬ଟି ମ୍ୟାଚ୍ ଜିତେ, ତେବେ ସେମାନେ ୧୪ ପଏଣ୍ଟ ପାଇବାକୁ ସକ୍ଷମ ହେବେ। ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନରେ ଥିବା ରାଜସ୍ଥାନ ରୟାଲ୍ସ ମାତ୍ର ୭ଟି ମ୍ୟାଚରେ ୧୨ ପଏଣ୍ଟ ସଂଗ୍ରହ କରିଛି ଏବଂ ଅନ୍ୟ ଦଳ ମଧ୍ୟ ତା'ର ଅଧିକ ପଛରେ ନାହାନ୍ତି। ଏଭଳି ପରିସ୍ଥିତିରେ ବେଙ୍ଗାଲୁରୁର ପ୍ଲେ ଅଫରେ ପହଞ୍ଚିବାର ଆଶା ପ୍ରାୟ ଶେଷ ହୋଇଯାଇଛି।

ଆୟର୍ଲ୍ୟାଣ୍ଡ-ସ୍କଟଲ୍ୟାଣ୍ଡ ଜର୍ସିରେ ଦେଖିବାକୁ ମିଳିବ ଦେଶୀ ଟଚ୍

ନୂଆଦିଲ୍ଲୀ

କର୍ଣ୍ଣାଟକ ମିଲ୍କ ଫେଡ଼େରେଶନ (କେଏମଏଫ) ଟି-୨୦ ବିଶ୍ୱକପରେ ସ୍କଟଲ୍ୟାଣ୍ଡ ଏବଂ ଆୟର୍ଲ୍ୟାଣ୍ଡ ଦଳକୁ ପ୍ରାୟୋଜିତ କରିବାକୁ ଯାଉଛି। ସୂଚନାଯୋଗ୍ୟ, ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ୧ ରୁ ୨୯ ଜୁନ ମଧ୍ୟରେ ଟି -୨୦ ବିଶ୍ୱକପ ଆୟୋଜିତ ହେବାକୁ ଯାଉଛି। ସୂଚନାଯୋଗ୍ୟ, ୨୦ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଯାଉଛନ୍ତି।

କେଏମଏଫର ପରିଚାଳନା ନିର୍ଦ୍ଦେଶକଙ୍କ ଅନୁଯାୟୀ, ଦଳ ପ୍ରାୟୋଜକ ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟ ସମୟରେ କମ୍ପାନୀ ଆମେରିକାର ବଜାରରେ ହ୍ୱେରୁ ଉତ୍ପନ୍ନ ଏନର୍ଜି ଡ୍ରିଙ୍କ ବିକ୍ରି କରିବ। କେଏମଏଫ ପରିଚାଳନା ନିର୍ଦ୍ଦେଶକ ଏମ.କେ ଜଗଦୀଶ କହିଛନ୍ତି, ଏହା ସତ ଯେ ଆମେ ବିଶ୍ୱକପ ପାଇ ଉଭୟ କ୍ରିକେଟ ଦଳକୁ ପ୍ରାୟୋଜିତ କରିବାକୁ ଯାଉଛୁ।

କମ୍ପାନୀର ଉଦ୍ଦେଶ୍ୟ ହେଉଛି ସେମାନଙ୍କର ଉତ୍ପାଦକୁ ବିଶ୍ୱବ୍ୟାପୀ ବିକ୍ରୟ କରିବା। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଆମେରିକା ବନାମ କାନାଡ଼ା ଖେଳାଯିବ। ଏହା ପ୍ରଥମ ଥର ପାଇଁ ଏକ ଆଇସିସି ବିଶ୍ୱକପ ଟୁର୍ଣ୍ଣାମେଣ୍ଟରେ ଆମେରିକାରେ ଖେଳାଯାଇଥିବା ମ୍ୟାଚ୍ ଅନ୍ତର୍ଭୁକ୍ତ ହେବ। ୯ଟି ସ୍ଥାନରେ ଟୁର୍ଣ୍ଣାମେଣ୍ଟରେ ୫୫ଟି ମ୍ୟାଚ୍ ଖେଳାଯିବ।

ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ଖେଳାଯାଇଥିବା ଏହି ଅତିରିକ୍ତ ମ୍ୟାଚ୍ ପାଇଁ ଦୁଇ ପ୍ରକାରର ଟିକେଟ ମୂଲ୍ୟ ଅଛି। ଏଥିମଧ୍ୟରୁ ସର୍ବନିମ୍ନ ମୂଲ୍ୟ ଟିକେଟ ୬ ଆମେରିକୀୟ ଡଲାର ରଖାଯାଇଛି ଏବଂ ସ୍ୱତନ୍ତ୍ର ମ୍ୟାଚ୍ ପାଇଁ ମୂଲ୍ୟ ୩୫ ଆମେରିକୀୟ ଡଲାର ରଖାଯାଇଛି। ଏହି ସମସ୍ତ ୧୩ଟି ମ୍ୟାଚ୍ ସାତୋଟି ଭିନ୍ନ ସ୍ଥାନରେ ଖେଳାଯିବ। ଟିକେଟର ଚାହିଦାକୁ ଦୃଷ୍ଟିରେ ରଖି ଆଇସିସି ଏହି ନିଷ୍ପତ୍ତି ନେଇଛି।

ଟି-୨୦ ବିଶ୍ୱକପ୍‌ରେ ଭାରତ ପାଇଁ ସର୍ବାଧିକ ୱିକେଟ ନେଇଥିବା ବୋଲରଙ୍କୁ ମିଳିନପାରେ ଚଳିତ ବିଶ୍ୱକପରେ ସ୍ଥାନ

ନୂଆଦିଲ୍ଲୀ

ଦିନିକିଆ ବିଶ୍ୱକପ ଭାରତ ହାତରୁ ଯିବା ପରେ ଟି-୨୦ ବିଶ୍ୱକପ ହାତେଇବା ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ। ତେ

ମହିଳାଙ୍କ ମଙ୍ଗଳସୂତ୍ର ଉପରେ ଏବେ ସେମାନଙ୍କ ନଜର

କଂଗ୍ରେସର ଇସ୍ତାହାର ନେଇ ବର୍ଷିଲେ ମୋଦି

ଅଲିଗଡ଼,
ନିର୍ବାଚନୀ ପ୍ରଚାରରେ ଉତ୍ତରପ୍ରଦେଶର ଅଲିଗଡ଼ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନୀ ଇସ୍ତାହାର ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି। ମୋଦୀ କହିଛନ୍ତି ଗତଥର ମୁଁ ଅଲିଗଡ଼ ଆସିଥିବାବେଳେ ଆପଣମାନଙ୍କୁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିର ପରିବାରବାଦ, ଦୁର୍ନୀତି, ତୁଷ୍ଟିକରଣ ଫ୍ୟାକ୍ଟ୍ରିରେ ତାଲା ଲଗାଇବାକୁ ଅନୁରୋଧ କରିଥିଲି। ଆପଣମାନେ ଏଭଳି ମଜବୁତ ତାଲା ଲଗାଇଥିଲେ ଯାହା ଦ୍ୱାରା ଦୁଇ ରାଜପୁତ୍ର ରାହୁଲ ଗାନ୍ଧୀ ଏବଂ ଅଖିଲେଶ ଯାଦବଙ୍କୁ ଆଜି ପର୍ଯ୍ୟନ୍ତ ତାହାର ଚାବି ମିଳିନାହିଁ। ଏବେ ଇଣ୍ଡିଆ ମେଣ୍ଟ ଏବଂ କଂଗ୍ରେସର ନଜର ଆପଣମାନଙ୍କ ଆୟ ଉପରେ ରହିଛି। ଆପଣମାନଙ୍କର ସମ୍ପତ୍ତି ଉପରେ ରହିଛି। କଂଗ୍ରେସ ରାଜପୁତ୍ର କହୁଛନ୍ତି ତାଙ୍କ ସରକାର ଆସିଲେ କିଏ କେତେ ଆୟ କରୁଛି, କାହା ପାଖରେ କେତେ ସମ୍ପତ୍ତି ଅଛି ତାହାର ଯାଞ୍ଚ କରାଯିବ। ଏସବୁ ସମ୍ପତ୍ତିକୁ ସରକାର ଜବତ କରି ସମସ୍ତଙ୍କ ମଧ୍ୟରେ ବାଣ୍ଟିଦେବେ। ଏଭଳି କରିବାକୁ କଂଗ୍ରେସ ନିଜର ଇସ୍ତାହାରରେ ଘୋଷଣା କରିଛି। ଏବେ ସେମାନଙ୍କର ନଜର ମହିଳାଙ୍କ ମଙ୍ଗଳସୂତ୍ର ଉପରେ ରହିଛି। ଇଣ୍ଡିଆ ମେଣ୍ଟ ନିରାଶରେ ବୁଡ଼ି ଯାଇଛି। ବିଜେପି ସରକାର ଗତ ୧୦ ବର୍ଷ ମଧ୍ୟରେ ଯାହା କରିଛନ୍ତି ତାହା କେବଳ ଟ୍ରେଲର ଏବେ ପୂରା ଫିଲ୍ମ ବାକି ରହିଛି। ଆମକୁ ପୁଣି ବହୁତ କାମ କରିବାକୁ ଅଛି। ପସମାନ୍ଦା ମୁସଲମାନଙ୍କ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନଙ୍କ ଜୀବନକୁ ସୁରକ୍ଷିତ କରିବା ଲାଗି ଯୋଜନା ଜାରି ରହିଛି। କିନ୍ତୁ ଏସବୁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିକୁ ପସନ୍ଦ ହେଉ ନ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଗୌରବ ଆଣିଲେ ଓଡ଼ିଆ ଝିଅ ଶ୍ୱେତଲାନା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଓଡ଼ିଆ ଝିଅ ଶ୍ୱେତଲାନା ମହାପାତ୍ରଙ୍କୁ ଲଣ୍ଡନର ସମ୍ମାନଜନକ ରୟାଲ ସୋସାଇଟି ଅଫ ଆର୍ଟସ ଫେଲୋସିପ୍ ପ୍ରଦାନ କରାଯାଇଛି। ଏହି ସମ୍ମାନ ପାଇବାରେ ସେ ହୋଇଛନ୍ତି ପ୍ରଥମ ଓଡ଼ିଆ। ସେହିପରି ୭୬ତମ ଭାରତୀୟ ଭାବରେ ଏଫଆରଏସଏ ଫେଲୋସିପ୍ ପାଇଛନ୍ତି ଶ୍ୱେତଲାନା। ବହୁମୁଖୀ ଦକ୍ଷତା ପାଇଁ ସେ ଲଣ୍ଡନର ଏହି ସମ୍ମାନ ପାଇଛନ୍ତି। ୨୬୯ ବର୍ଷ ପୁରୁଣା ରୟାଲ ସୋସାଇଟି ଅଫ୍ ଆର୍ଟସ ଦ୍ୱାରା ଟେକ୍ନୋଲୋଜି, ଫ୍ୟାସନ ଓ ସାମାଜିକ ପରିବର୍ତ୍ତନରେ ଉତ୍କୃଷ୍ଟତାକୁ ପୁନଃପରିକଳ୍ପିତ କରିବା ପାଇଁ ୨୮ ବର୍ଷୀୟ ଶ୍ୱେତଲାନାଙ୍କୁ ପ୍ରଦାନ

କରାଯାଇଛି ଏହି ଫେଲୋସିପ୍। ସେ ଜଣେ ଗବେଷକ, ମଡେଲ ଓ ସୋସିଆଲ୍ ମିଡିଆ ଇନଫ୍ଲୁଏନସର। ସାମାଜିକ ପ୍ରଗତି ଓ ବିକାଶରେ ଉଲ୍ଲେଖନୀୟ ସଫଳତା ପାଇଁ ସାମାଜିକ କର୍ମୀ, କଳାକାର, ସାହିତ୍ୟିକ, ସାମ୍ବାଦିକ ଓ ରାଜନେତାଙ୍କୁ ରୟାଲ ସୋସାଇଟି ଅଫ ଆର୍ଟସ ଫେଲୋସିପ୍ ପ୍ରଦାନ କରାଯାଏ। ସାମାଜିକ ପ୍ରଗତି ଓ ବିକାଶରେ ଉଲ୍ଲେଖନୀୟ ସଫଳତା ପାଇଁ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିବିଶେଷ ଏହି ସମ୍ମାନ ପାଇଁ ମନୋନୀତ ହୋଇ ଥାଆନ୍ତି। ୧୭୫୪ ମସିହାରୁ ଆରଏସଏ ଦ୍ୱାରା ସମ୍ମାନିତ ୩୦ହଜାର ଉଭାବକଙ୍କ ଏଲିଟ୍ ଗ୍ରୁପରେ ସାମିଲ ହୋଇଛନ୍ତି ଶ୍ୱେତଲାନା। ସେ ଭୁବନେଶ୍ୱର ଢଓଗଇରୁ ଏମବିଏ ଓ ଟ୍ରିପଲ ଆଇଟିରୁ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ନିକଟରେ ଜେନେଭାରେ ଆୟୋଜିତ ୱାର୍ଲ୍ଡ ଇକୋନୋମିକ୍ ଫୋରମରେ ଯୋଗ ଦେଇଥିଲେ ଶ୍ୱେତଲାନା।

ମାହାଙ୍ଗା ଡବଲ ମର୍ଡର ମାମଲା

ପ୍ରତାପଙ୍କ ଆବେଦନର ଶୁଣାଣି ଶେଷ : ରାୟ ସଂରକ୍ଷିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କ ଆବେଦନର ଶୁଣାଣି ହାଇକୋର୍ଟରେ ଶେଷ ହୋଇଛି। ସମସ୍ତ ପକ୍ଷଙ୍କ ଯୁକ୍ତି ଉପସ୍ଥାପନ ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି ।
ଡବଲ ମର୍ଡର ଘଟଣାରେ ପ୍ରତାପଙ୍କ ବିରୋଧରେ ହତ୍ୟା ମାମଲା ଚଳାଇବାକୁ ସାଲେପୁର ଜେଏମଏଫସି ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ଦାଏର

କରାଯାଇଥିଲା। ନିମ୍ନ ଅଦାଲତ ପ୍ରତାପଙ୍କ ବିରୋଧରେ ମାମଲା ଚଳାଇବାକୁ ନିର୍ଦ୍ଦେଶ ଦେବା ବେଆଇନ ବୋଲି ତାଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଅନ୍ୟପଟେ ପ୍ରତିପକ୍ଷ ଯୁକ୍ତି ଦର୍ଶାଇଛନ୍ତି ଯେ ନିମ୍ନ ଅଦାଲତ ନିଜ କ୍ଷମତା ଅନୁଯାୟୀ ନିଷ୍ପତ୍ତି ଶୁଣାଇଛନ୍ତି ଯାହା ଆଇନ ସମ୍ମତ। ଏସବୁକୁ ଶୁଣିବା ସହ ଉଭୟ ପକ୍ଷର ଲିଖିତ ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୧ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ତାଙ୍କ ସହଯୋଗୀ ଦିବ୍ୟ ସିଂହ ବରାଳ (୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା।

ତାଳଚେରରେ ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ହିଙ୍ଗୁଳା ଯାତ୍ରା ଭରସା ଓ ବିଶ୍ୱାସର ଅନନ୍ୟ ପରମ୍ପରା : ଧର୍ମେନ୍ଦ୍ର

ତାଳଚେର, ନ୍ୟୁଜ ବ୍ୟୁରୋ
କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରାରେ ସାମିଲ ହୋଇ ମା'ଙ୍କ ଉଭାସ୍ଥଳରେ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।
ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଅଗ୍ନିରୂପା ମା' ହେଉଛନ୍ତି ଶ୍ରୀକ୍ଷେତ୍ର ରୋଷଘର ଠାକୁରାଣୀ। ମା'ଙ୍କ ଦର୍ଶନ ସହ ଉଭାସ୍ଥଳରେ ପୂଜାର୍ଚ୍ଚନା କରିବା ମୋର ସୌଭାଗ୍ୟ। ଆବାହମାନକାଳରୁ ଜାରି ରହିଥିବା ଏହି ପରମ୍ପରା ଭକ୍ତଙ୍କ ଭରସା ଓ ବିଶ୍ୱାସର ପ୍ରତୀକ। ମା' ଆଶୀର୍ବାଦରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ପୂରଣ ହେଉ। ଓଡ଼ିଆ ଅସ୍ମିତା ସର୍ବଦା ବଜାୟ ରହିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କ ମନୋସ୍କାମନା ପୂରଣ ହେଉ ବୋଲି ମା'ଙ୍କ ପାଖରେ ପ୍ରାର୍ଥନା କରିଥିଲେ କେନ୍ଦ୍ରମନ୍ତ୍ରୀ। ସେହିପରି ଯାତ୍ରୀରେ ନାଗରିକଙ୍କ ସହ ସାମିଲ ହୋଇ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରିଥିଲେ । କୋରାପୁଟର ଗୁପ୍ତେଶ୍ୱରରୁ ଆସିଥିବା ଜଣେ ଦୋକାନୀଙ୍କ ଠାରୁ ଝୁଣା କରିବା ସହ ଘରୋଇ ଉପକରଣ ସାମଗ୍ରୀ କିଣିଥିଲେ। ଏହାବ୍ୟତିତ ସେବା କାର୍ଯ୍ୟରେ ନିୟୋଜିତ 'ଓଡ଼ିଶା ଡ୍ରାଇଭର ମହାସଂଘ'ର କର୍ମଚାରୀ ମାନଙ୍କୁ ଭେଟି ସେମାନଙ୍କ କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ । ସେ କହିଛନ୍ତି ଏକ ଦାୟିତ୍ୱ ସମ୍ପନ୍ନ ଗୋଷ୍ଠୀ ଭାବେ ସମାଜ ନିର୍ମାଣରେ ବଡ ଯୋଗଦାନ ରଖୁଥିବା ଡ୍ରାଇଭର ମହାସଂଘ ଆଜି ଭଳି ଦିନରେ ଜୀବିକା ସହ ମାନବସେବା କାର୍ଯ୍ୟରେ ଲାଗିବା ପ୍ରଶଂସନୀୟ । ଓଡିଶାରେ ନିଃସ୍ୱାର୍ଥପର ଭାବେ ଜନସଂଗଠନ କାମରେ ଲାଗିଥିବା ଓଡ଼ିଶା ଡ୍ରାଇଭର ମହାସଂଘ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ। ତାଳଚେର ଓ ଅନୁଗୋଳରେ ପରିବହନ ସୁବିଧା ଏବଂ ଅର୍ଥନୀତିକୁ ମଜଭୂତ୍ କରିବାରେ ସେମାନଙ୍କ ଯୋଗଦାନ ଅତୁଳନୀୟ। ଏହା ପରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଲେଇ ଗ୍ରାମରେ ମା' କଳାପାଟ ମନ୍ଦିର, ତୁବେ ଗ୍ରାମ ପଂଚାୟତରେ ମା' ହିଙ୍ଗୁଳା ମନ୍ଦିର, ମହାପ୍ରଭୁ ବ୍ରଜମୋହନ ମନ୍ଦିରରେ ଦର୍ଶନ କରିଥିଲେ । ଦର୍ଶନ ଲାଭ କରିବା ପରେ ସ୍ଥାନୀୟ ଅଂଚଳର ଗୁରୁଜନ ଓ ମାତୃଶକ୍ତିଙ୍କୁ ଭେଟି ମୋଦୀଙ୍କୁ ଦେଶରେ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ସହ ଓଡ଼ିଶାରେ ବିଜେପିର ସରକାର କରିବା ପାଇଁ ସହଯୋଗ କାମନା କଲି। ଜନତାଙ୍କ ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

ଦୁର୍ବୃତ୍ତମାନେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତାଲା ଭାଙ୍ଗି ନେଇ ଗଲେ ବେଟେରି

ବ୍ରଜରାଜନଗର, ନ୍ୟୁଜ ବ୍ୟୁରୋ
ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ରାଜପୁର ପଞ୍ଚାୟତର ତୁରୀ ପଡା ଠାରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ତାଲା ଭାଙ୍ଗି ବେଟେରି ଚୋରି ହୋଇଥିବା ଜଣାପଡିଛି । ଘଟଣା ଅନୁଯାୟୀ ସୋମବାର ସକାଳୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମୁଖ୍ୟ ପାବନୀ କଲେତ ଚିକିତ୍ସାଳୟକୁ ଆସି ଗେଟ୍‌ର ତାଲା ଖୋଲା ଥିବା ଦେଖିଥିଲେ । ଗେଟ୍ ଭିତରେ ପଶି ଜିନିଷ ଏଣେତେଣେ ପଡିଥିବା ଓ ଆଲମିରା ଖୋଲା ଥିବା ସହିତ ଇନଭରଟର ବେଟେରି ନଥିବା ଦେଖିବାକୁ ପାଇଥିଲେ । ଏହାପରେ ପାବନୀ କଲେତ ଗାନ୍ଧୀଛକ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବିଳମ୍ବିତ ରାତ୍ରିରେ କେତେକ ଦୁର୍ବୃତ୍ତ ପଶି ଟେବୁଲ ଡ୍ର ଖୋଲିଥିଲେ । ସେଥିରେ ଥିବା ଆଲମିରାର ଚାବି ନେଇ ଆଲମିରା ଖୋଲିଥିଲେ। ସେଠାରୁ କିଛି ମୂଲ୍ୟବାନ ଜିନିଷ ପାଇନଥିବାରୁ ସେଠାରେ ଥିବା ଇନଭରଟର ବେଟେରି ଦୁଇଟି ଚୋରି କରିଥିବା ଅନୁମାନ କରାଯାଉଛି ।

ନକ୍ସଲଙ୍କ ପ୍ରେସରବୋମା ବିସ୍ଫୋରଣରେ ଗ୍ରାମବାସୀଙ୍କ ମୃତ୍ୟୁ

ମାଲକାନଗିରି, ନ୍ୟୁଜ ବ୍ୟୁରୋ
ମାଲକାନଗିରି ସୀମାନ୍ତରେ ପୁଣି ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଜଙ୍ଗଲରେ ଖଞ୍ଜିଥିବା ବୋମା ବିସ୍ଫୋରଣରେ ଜଣେ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି । ବିଜାପୁର ଜିଲ୍ଲାର ଗାଙ୍ଗଲୁର ଥାନା ଅଞ୍ଚଳର ମୁତବେଣ୍ଡି ଜଂଗଲରେ ଗଡିଆ କାବାସୀ ନାମକ ଜଣେ ୧୮ ବର୍ଷର ଯୁବକ ଜଂଗଲକୁ କୌଣସି କାମରେ ଯାଇଥିଲା। ତେବେ ଜଂଗଲରେ ନକ୍ସଲ ଖଞ୍ଜିଥିବା ପ୍ରେସର ବୋମା ଉପରେ ଗଡିଆର ପାଦ ପଡିବା ପରେ ଏହା ବିସ୍ଫୋରଣ ଘଟିଥିଲା। ଯାହାଫଳରେ ଯୁବକ ଜଣକ ଘଟଣାସ୍ଥଳରେ ହିଁ ଗୁରୁତର ଆହତ ହୋଇଥିଲେ । ପରେ ଗ୍ରାମବାସୀଙ୍କ ଦ୍ୱାରା ସ୍ଥାନୀୟ ମେଡିକାଲ ନେବା

ବେଳକୁ ତା'ର ମୃତ୍ୟୁ ଘଟିଥିଲା । ଗତ ୧୬ ତାରିଖରେ ଘଟିଥିବା ପୁଲିସ ଏନକାଉଣ୍ଟରରେ ୨୯ ଜଣ ନକ୍ସଲଙ୍କ ମୃତ୍ୟୁ ସଂଗଠନକୁ ଦୋହଲାଇ ଦେଇଛି। ତେଣୁ ନକ୍ସଲ ଏକ ପ୍ରକାର ଘାଇଲା ବାଘ ଭଳି ହୋଇଛନ୍ତି । ଜଂଗଲରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଂଗଲରେ ବିଭିନ୍ନ ପ୍ରକାର ମୃତ୍ୟୁର ଯନ୍ତ୍ରା ତିଆରି କରିଛନ୍ତି। ତେବେ ଏହି ଯନ୍ତ୍ରାରେ ଗ୍ରାମବାସୀ ଫସି ମୃତ୍ୟୁବରଣ କରୁଛନ୍ତି । ବିଜାପୁର ଏସ୍‌ପି ଯିତେନ୍ଦ୍ର ଯାଦବ ଏହି ଘଟଣାର ସ୍ୱୀକାରକରଣ ଦେଇଛନ୍ତି । ନକ୍ସଲ ଏଭଳି ନିରୀହ ଲୋକଙ୍କୁ ମାରୁଥିବା ଅଭିଯୋଗ କରିଛନ୍ତି ପୁଲିସ ।

ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଅନୁଷ୍ଠାନର ମୁକ୍ତ ମଞ୍ଚରେ ଲୁପ୍ତପ୍ରାୟ ଲୋକକଳାର ୧୪୫ତମ ସନ୍ଧ୍ୟାରେ ତ୍ରିଧାରା ଅନୁଷ୍ଠାନ କଳାକାରମାନଙ୍କ ନୃତ୍ୟ ପରିବେଷଣ। (ଫଟୋ : ସମ୍ବାଦ କଳିକା)

ଆମେରିକାରେ ଭୟଙ୍କର କାର୍ ଦୁର୍ଘଟଣା :ଦୁଇ ଭାରତୀୟ ଛାତ୍ର ମୃତ

ନୂଆଦିଲ୍ଲୀ,
ଭାରତୀୟଙ୍କ ପାଇଁ ଯେପରି କାଳ ପାଲଟିଛି ଆମେରିକା । ଏଠାରେ ପ୍ରତିଦିନ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହେଉଛି। କେଉଁଠି କାହାକୁ ହତ୍ୟା କରାଯାଉଛି ତ ଆଉ କେଉଁଠି କିଏ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଏବେ ପୁଣି ଥରେ ଆମେରିକାରେ ଦୁଇ ଭାରତୀୟ ଛାତ୍ର ଆଖି ବୁଜିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ଫୋନେକ୍ସ ସିଟି ଅଫ ଆରିଜୋନାରେ ଭୟଙ୍କର କାର୍ ଦୁର୍ଘଟଣାରେ ଦୁଇ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତ ଦୁଇ ଛାତ୍ର ହେଲେ ମୁକ୍କା ନିବେଶ ଓ ଗୌତମ ପାରସି । ଉଭୟଙ୍କ ବୟସ ୧୯ ବର୍ଷ । ପୁଲିସ ସୂଚନା ମୁତାବକ, ଏପ୍ରିଲ ୨୦ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା । ଏହି



ଦୁଇ ଛାତ୍ର କାରରେ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଅନ୍ୟ ଏକ କାର୍ ସହ ଏମାନଙ୍କ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ଏକ କାରର ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ରହିଛି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟ କାର୍ ପରସ୍ପର ବିପରିତ ଦିଗରେ ଯାଉଥିଲେ ତେବେ କେଉଁ କାରଣରୁ ଦୁଇ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେଲା ସେ ନେଇ ତଦନ୍ତ ଜାରି ରହିଥିବା ଆରିଜୋନା ପୁଲିସ କହିଛି। ତେବେ କରିମନଗର ଜିଲ୍ଲା ହୁଜୁରାବାଦର ବାସିନ୍ଦା ହୋଇଥିବା ବେଳେ ଗୌତମ ଜନଗାଁଓ ଜିଲ୍ଲାର ଷ୍ଟେସନ ଘନପୁରର ବାସିନ୍ଦା । ଉଭୟ ଆରିଜୋନା ଷ୍ଟେଟ ୟୁନିର୍ଭସିଟିରେ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ କରୁଥିଲେ । ଲେଙ୍ଗାନାର ବାସିନ୍ଦା ବୋଲି ଜଣାପଡିଛି।

୪ କୋଟି ଟଙ୍କାର ଗଞ୍ଜେଇ ସହ ୫ ଦେଶୀ ବନ୍ଧୁକ ଜବତ

ବାଲିଗୁଡ଼ା, ନ୍ୟୁଜ ବ୍ୟୁରୋ
କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ବାଲିଗୁଡା ଥାନା ଗଦ୍ରିଙ୍ଗିଆ ଘାଟି ନିକଟସ୍ଥ ଇର୍ପିଗୁଡା ଜଙ୍ଗଲରୁ ୪ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବେଆଇନ୍ ଗଞ୍ଜେଇ ଜବତ କରିଛି ବାଲିଗୁଡ଼ା ପୋଲିସ। ଘଟଣା ସ୍ଥଳରୁ ୪୦ କ୍ୱିଣ୍ଟାଲ୍ ୬୫୦ ଗ୍ରାମ୍ ଗଞ୍ଜେଇ ସହ ୫ଟି ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ କାହାକୁ ଗିରଫ କରିବାରେ ସକ୍ଷମ ହୋଇନଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡ଼ା

ଅଞ୍ଚଳରେ ପୋଲିସ୍ ପେଟ୍ରୋଲିଂ କଡାକଡି କରାଯାଇଛି । ଏଭଳି ସ୍ଥିତିରେ ଚୋରା ଚାଲାଣ ପାଇଁ ଗଦ୍ରିଙ୍ଗିଆ ଘାଟି ନିକଟସ୍ଥ ଇର୍ପିଗୁଡା ଜଙ୍ଗଲରେ ବିପୁଳ ପରିମାଣର ବେଆଇନ୍ ଗଞ୍ଜେଇ ମାଫିଆମାନେ ଗଚ୍ଛିତ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା ପୋଲିସ୍ । ଘଟଣାକୁ ନେଇ ବାଲିଗୁଡ଼ା ଥାନା କେସ୍ ନଂ ୧୦୩/୨୦୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମାଫିଆଙ୍କୁ ଧରିବା ପାଇଁ ଜାଲ ବିଛାଇଥିବା ବିଷୟ ବାଲିଗୁଡ଼ା ଏସ୍‌ଡିପିଓ ରାହୁଲ ଗୋଏଲ୍ ସୂଚନା ଦେଇଛନ୍ତି ।

ପୂର୍ବ ତଟ ରେଳପଥ

e-Tender Notice No.:
eT-M-CD-BBS-UG-05-24, ତାରିଖ : 11.04.2024

କାର୍ଯ୍ୟର ନାମ : ଦୁଇ ବର୍ଷର ସମୟାବଧି ନିମନ୍ତେ, କୋଚିଙ୍ଗ୍ ଡିପୋ ଭୁବନେଶ୍ୱର ଠାରେ, ବିଜି ରେଲୱେ କୋଚ୍, ଗୁଡିକରେ ସାଧାରଣ ସାଜସଜ୍ଜା, ବଢ଼େଇ କାମ, ଜଳ ଯୋଗାଣ ବ୍ୟବସ୍ଥା ଏବଂ ଯାତ୍ରୀ ମାନଙ୍କ ସୁବିଧା ପ୍ରତି ଦେଖାଶୁଣା କାର୍ଯ୍ୟ।

ବିଜ୍ଞାପିତ ମୂଲ୍ୟ : ଟ.4,37,59,519.28, EMD: ଟ. 3,68,800/-

ଟେଣ୍ଡର ଭାଗଜାତ୍ର ଆନୁମାନିକ ମୂଲ୍ୟ: ଟ.11,800/-

କାର୍ଯ୍ୟସମାପ୍ତିର ଅବଧି: 24 (ଚବିଶି) ମାସ

e-Tender Notice No.:
eT-M-CD-BBS-ETP-OM-06-24, ତାରିଖ: 11.04.2024

କାର୍ଯ୍ୟର ନାମ : ତିନି ବର୍ଷର ସମୟାବଧି ନମନ୍ତେ, କୋଚିଙ୍ଗ୍ ଡିପୋ ଭୁବନେଶ୍ୱରର ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଚୁକ୍ତି।

ବିଜ୍ଞାପିତ ମୂଲ୍ୟ : ଟ.35,28,183.08, EMD: ଟ. 70,600/-

ଟେଣ୍ଡର ଭାଗଜାତ୍ରର ଆନୁମାନିକ ମୂଲ୍ୟ: ଟ.3,540/-

କାର୍ଯ୍ୟସମାପ୍ତିର ଅବଧି: 36 (ଛତିଶି) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.02.05.2024ରିଖ 1530 ଘଟିକା (ସମସ୍ତ ଟେଣ୍ଡର ନିମନ୍ତେ)

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in. ରେ ଉ

ରବିବାସରୀୟ କଳିକା
ଷୋଡ଼ଶ ପୃଷ୍ଠା
ଭୁବନେଶ୍ୱର
୨୩ ଅପ୍ରେଲ
ମଙ୍ଗଳବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ଓଆରଏଚ୍‌ଡିସି ଦୁର୍ନୀତି ମାମଲ୍ଲାରେ ଘୁଞ୍ଚିଲା ଶୁଣାଣି

ଆଜି ସୁପ୍ରିମକୋର୍ଟରେ ଭାଗ୍ୟ ନିର୍ଦ୍ଧାରଣ

କଟକ, ୨୨/୦୪ ନ୍ୟୁଜ ବ୍ୟୁରୋ
ଓଡ଼ିଶା ରୁରାଲ ହାଉସିଂ ଡେଭଲପ୍‌ମେଣ୍ଟ କର୍ପୋରେସନରେ ଦୁର୍ନୀତି ନେଇ ସୁପ୍ରିମକୋର୍ଟରେ ଶୁଣାଣି ଘୁଞ୍ଚିଲା । ବେଞ୍ଚ ନିର୍ଦ୍ଦେଶ ଦେଲେ ମଙ୍ଗଳବାର ହେବ ଶୁଣାଣି । ମଙ୍ଗଳବାର ସୁପ୍ରିମକୋର୍ଟରେ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହେବ । ୨୦୨୪ ନିର୍ବାଚନରେ ମୋକିମ୍ ଲଢ଼ି ପାରିବେ କି ନାହିଁ ସର୍ବୋଚ୍ଚ ଅଦାଲତଙ୍କ ଫୈସଲାରୁ ସ୍ପଷ୍ଟ ହେବ । ଓଡ଼ିଶା ରୁରାଲ ହାଉସିଂ ଡେଭଲପ୍‌ମେଣ୍ଟ କର୍ପୋରେସନ ବା ଓଆରଏଚ୍‌ଡିସି ଦୁର୍ନୀତି ମାମଲାରେ ଅପ୍ରେଲ ୧୦

ତାରିଖରେ କଟକ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ମହମ୍ମଦ ମୋକିମ୍ । ଗତ ମଙ୍ଗଳବାର ଅଦାଲତ ଏହି ମାମଲାର ଶୁଣାଣି କରି ମୋକିମଙ୍କ ଆତ୍ମସମର୍ପଣ ନିର୍ଦ୍ଦେଶ ଉପରେ ୨୨ ତାରିଖ ପର୍ଯ୍ୟନ୍ତ ରୋକ୍ ଲଗାଇଥିଲେ । ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ପି.ଏସ ନରସିଂହାଙ୍କ ଡବଲ ବେଞ୍ଚ୍ ଖଣ୍ଡପୀଠ ଶୁଣାଣି କରିବେ । ପୂର୍ବରୁ ଓଆରଏଚ୍‌ଡିସି ଦୁର୍ନୀତି ମାମଲାରେ ମହମ୍ମଦ ମୋକିମଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ ଭିଜିଲାନ୍ସ କୋର୍ଟ । ଉକ୍ତ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ବାରବାଟୀ ବିଧାୟକ । ହେଲେ ମହମ୍ମଦ ମୋକିମଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରି ନିମ୍ନ ଅଦାଲତଙ୍କ ରାୟକୁ ହାଇକୋର୍ଟ କାଏମ ରଖିଥିଲେ । ତେବେ ଏହା ବିରୋଧରେ ମହମ୍ମଦ ମୋକିମ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ୨୨ ତାରିଖରେ ମୋକିମଙ୍କ ଆତ୍ମସମର୍ପଣ ମାମଲାରେ କୋର୍ଟ ରୋକ୍ ଲଗାଇଥିଲେ । ମଙ୍ଗଳବାର ଓଆରଏଚ୍‌ଡିସି ଦୁର୍ନୀତି ମାମଲାର ଶୁଣାଣି କରିବେ ସର୍ବୋଚ୍ଚ ଅଦାଲତ ।

୫୦ ବର୍ଷ ପରେ ବନ୍ଧୁମିଳନ

ଭୁବନେଶ୍ୱର, ୨୨/୦୪ ନ୍ୟୁଜ ବ୍ୟୁରୋ
ଓ.ୟୁ.ଏଟି ଅଧୀନରେ ଥିବା ମୌଳିକ ବିଜ୍ଞାନ ମହାବିଦ୍ୟାଳୟରେ ୧୯୭୪ରେ ଯୋଗ ଦେଇଥିବା ବନ୍ଧୁମାନଙ୍କର ୫୦ ବର୍ଷ ପରେ ଗଙ୍ଗନଗର ବିଶ୍ୱେଶ୍ୱର ଭବନରେ ସୋମବାର ସନ୍ଧ୍ୟାରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ଏକ ବିରାଟ ବ୍ୟବଧାନ ପରେ ବନ୍ଧୁମିଳନ ଆୟୋଜନ ହେବା ଅତ୍ୟନ୍ତ ବିରଳ । ବ୍ୟାଚ୍ ୧୯୭୪ର ୪୦ରୁ ଅଧିକ ପୂର୍ବତନ ଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଏହାକୁ ବିଶ୍ବୁବ ମିଳନ ନାମରେ ନାମିତ କରିଛନ୍ତି । ସେମାନଙ୍କ ମଧ୍ୟରେ ଅନେକ ଡାକ୍ତର, ଇଞ୍ଜିନିୟର, ପ୍ରଫେସର, ବୈଜ୍ଞାନିକ ଏବଂ ରାଜ୍ୟ, କେନ୍ଦ୍ରୀୟ ଓ ଶିଳ୍ପ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି । ବର୍ତ୍ତମାନ ୭୦ ଜଣ ସଦସ୍ୟଙ୍କ ଗୋଷ୍ଠୀ ଗଠନ କରି ଅନ୍ୟମାନଙ୍କୁ ଏଥିରେ ଯୋଗଦେବାକୁ କୁହାଯାଇଛି । ଓଡ଼ିଶାରେ କିଛି ସାମାଜିକ କାର୍ଯ୍ୟ କରିବାକୁ ବନ୍ଧୁମାନେ ଶପଥ ଗ୍ରହଣ କରିଥିଲେ ।

ବିଜେଡ଼ିରେ ମିଶିଲେ ବିଜେପି ଓ କଂଗ୍ରେସ କାଉନସିଲର

କଟକ, ୨୨/୦୪ ନ୍ୟୁଜ ବ୍ୟୁରୋ
ବଢୁଛି ବିଜେଡି ବଳ । ଆଠଗଡରେ ଦୁଇ କାଉନସିଲର ପ୍ରାର୍ଥୀ କଂଗ୍ରେସ ଏବଂ ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି । ଆଠଗଡ ବିଜୁ ଜନତାଦଳର କାର୍ଯ୍ୟାଳୟରେ ମନ୍ତ୍ରୀ ରାଜା ସ୍ୱାଇଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି ଦୁଇ ପ୍ରାର୍ଥୀ । ଦୁଇ ଦଳର ଯୁବକ ନିଜର ସମର୍ଥକଙ୍କ ସହ ଦଳରେ ମିଶିବା ପରେ ବିଜେଡି ଆହୁରି ସଶକ୍ତ ହେବ ବୋଲି ଆଠଗଡ ବିଧାୟକ କହିଛନ୍ତି ।

ଧୋକ୍କାବାଜ ଯୁବକ ଭୁବନେଶ୍ୱରରୁ ଗିରଫ

ବାଲିଗୁଡା, ୨୨/୦୪ ନ୍ୟୁଜ ବ୍ୟୁରୋ
କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ପ୍ରଥମେ ପ୍ରେମ ଓ ପରେ ଶାରୀରିକ ସମ୍ପର୍କ ସ୍ଥାପନ କରି ଗର୍ଭବତୀ କରି ଫେରାର ଥିବା ବିବାହିତ ଯୁବକଙ୍କୁ ବ୍ରାହ୍ମଣୀଗାଁ ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି ।

ରତନ ଟାଟାଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୧

ଭୁବନେଶ୍ୱର,୨୨ ।୪ ନ୍ୟୁଜ ବ୍ୟୁରୋ
ବିଶ୍ୱର ବିଶିଷ୍ଟ ଶିଳ୍ପପତି, ସମାଜସେବୀ ତଥା ଟାଟାଗ୍ରୁପ୍‌ର ଚେୟାରମ୍ୟାନ୍ ଏମେରିଟସ୍ ରତନ ଟାଟାଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୧ ସୋମବାର ପ୍ରଦାନ କରାଯାଇଛି । ସୋମବାର ମୁମ୍ବାଇସ୍ଥିତ ରତନ ଟାଟାଙ୍କ ବାସଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟାଟା ଗ୍ରୁପ୍‌ର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ ଓ ତିନି ଥର ଗ୍ରାମି ପୁରସ୍କାର ବିଜେତା ରିକି କେଜ୍‌ଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ରତନ ଟାଟାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ସାମାଜିକ ବିକାଶ ପ୍ରତି ପ୍ରତିବଦ୍ଧତା ଓ କର୍ପୋରେଟ୍ ନେତୃତ୍ୱ କ୍ଷେତ୍ରରେ ସେ ସୃଷ୍ଟି କରିଥିବା ଉଦାହରଣ ପାଇଁ ତାଙ୍କୁ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ ପ୍ରଦାନ କରାଯାଇଛି । ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟଗତ କାରଣରୁ ରତନ ଟାଟା ବାହାରକୁ ଯାଉ ନ ଥିବା ଯୋଗୁଁ ତାଙ୍କ ବାସଭବନରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।

ଏହି ସମ୍ମାନ ଗ୍ରହଣ କରିବା ସହ କିସ୍ ଓ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ ଶ୍ରୀ ରତନ ଟାଟା କହିଲେ ଏହି ସମ୍ମାନ ମୋତେ ପ୍ରଦାନ କରିଥିବାରୁ ମୁଁ ବହୁତ ଖୁସି । ଏହା ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ସେ କହିଥିଲେ । ସାଧାରଣତଃ ରତନ ଟାଟା କୌଣସି ପୁରସ୍କାର ଗ୍ରହଣ

କରି ନ ଥାନ୍ତି । ମାତ୍ର କିସ୍ ହ୍ୟୁମାନିଟାରିଆନ୍ ସମ୍ମାନର ଗୁରୁତ୍ୱ ଉପଲବ୍ଧି କରି ସେ ଏହି ସମ୍ମାନ ଗ୍ରହଣ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ । ୨୦୨୧ରେ ଶ୍ରୀ ଟାଟାଙ୍କୁ ଏହି ସମ୍ମାନ ଗ୍ରହଣ କରିବା ପାଇଁ ଡ. ସାମନ୍ତ ଅନୁରୋଧ କରିଥିଲେ । କୋଭିଡ୍ ମହାମାରୀ ଯୋଗୁଁ ୨୦୨୧ରେ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇପାରି ନ ଥିଲା ।

"ରତନ ଟାଟା ଭାରତର ଏକ ଜଣାଶୁଣା ନାଁ ଏବଂ ସେ ଜଣେ ଅତି ଭଲ ଲୋକ । ତାଙ୍କୁ ସୋମବାର ଏହି ସମ୍ମାନ ପ୍ରଦାନ କରି ନିଜକୁ ଗୌରବାନ୍ୱିତ ମନେକରୁଛି" ବୋଲି ଡ. ସାମନ୍ତ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଡ. ସାମନ୍ତ କହିଲେ, ରତନ ଟାଟାଙ୍କ ସମାଜସେବା ଓ ନେତୃତ୍ୱ ମୋତେ ପିଲାଦିନୁ ପ୍ରଭାବିତ କରିଥିଲା । ପିଲାଦିନରୁ ମୁଁ ରତନ ଟାଟାଙ୍କୁ ସମ୍ମାନ ଦେବା ସହ ତାଙ୍କୁ ସେ ଭଲ ପାଇ ଆସୁଛନ୍ତି । ସମୟ ଥିଲା ଦିନେ ମୋ ବାପା ଟାଟା କମ୍ପାନୀରେ ଏକ ଛୋଟ କର୍ମଚାରୀ ଥିଲେ । ମୋତେ ଯେତେବେଳେ ମାତ୍ର ୪ବର୍ଷ ବୟସ ହୋଇଥିଲା, ସେତେବେଳେ ମୋ ବାପା ଏକ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ସେବେଠାରୁ ମୁଁ ରତନ ଟାଟାଙ୍କୁ ସମ୍ମାନ ଦେବା ସହ ଭଲ ପାଇ ଆସୁଛି ବୋଲି ଡ.ସାମନ୍ତ କହିଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ଏହି ସମ୍ମାନଜନକ ସମ୍ମାନ ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଶ୍ୱର ବହୁ ବିଶିଷ୍ଟ ରାଷ୍ଟ୍ରନେତା, ନୋବେଲ୍ ବିଜେତା ଏବଂ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଅଛନ୍ତି । ଏହା କିସ୍ ହ୍ୟୁମାନିଟାରିଆନ୍ ସମ୍ମାନର ବ୍ୟାପକ ଅନ୍ତର୍ଜାତୀୟ ଗ୍ରହଣୀୟତା ଓ ସମ୍ମାନକୁ ସୂଚୀତ କରିଥାଏ । ଏହି ଅବସରରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀ ରତନ ଟାଟାଙ୍କ ସୁସ୍ଥ, ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ଭୁବନେଶ୍ୱର : ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ବିଜେପି ପକ୍ଷରୁ ସଂକଳ୍ପପତ୍ର ଉନ୍ମୋଚନ କରାଯାଉଛି । (ଫଟୋ : ସମ୍ବାଦ କଳିକା)

ଜଙ୍ଗଲ ନିଆଁ ରୋକିବାକୁ ୭ଟି ଡିଭିଜନରେ ମୁତୟନ ହେଲେ ଓଡ୍ରାଫ ଟିମ୍

ଭୁବନେଶ୍ୱର, ୨୨/୦୪ ନ୍ୟୁଜ ବ୍ୟୁରୋ



ଜଙ୍ଗଲ ନିଆଁ ରୋକିବାକୁ ଓଡ୍ରାଫ ମୁତୟନ । ୭ଟି ଡିଭିଜନରେ ମୁତୟନ ହେଲେ ଓଡ୍ରାଫ ଟିମ୍ । ଫୁଲବାଣୀ, ବଣାଇ, କଳାହାଣ୍ଡି, ସୁନ୍ଦରଗଡ, ଶିମିଳିପାଳରେ ଓଡ୍ରାଫ ଜଙ୍ଗଲ ନିଆଁ ନିୟନ୍ତ୍ରଣ କରିବେ । ସୋମବାର ତାତି କମିଥିବାରୁ ଜଙ୍ଗଲ ନିଆଁ ପରିମାଣ ବି କମିଛି । ଗତ ବର୍ଷ ୩୨ ହଜାର ପଏଣ୍ଟରେ ନିଆଁ ଲାଗିଥିବା ବେଳେ ଏଥର ୧୧ ହଜାର ପଏଣ୍ଟରେ ଲାଗିଛି ନିଆଁ । ମନୁଷ୍ୟକୃତ ନିଆଁ ରୋକିବାକୁ ବନ ବିଭାଗ ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି । ବନ ସୁରକ୍ଷା ସମିତି, ଫରେଷ୍ଟ ଗାର୍ଡମାନଙ୍କୁ ସତର୍କ ରଖାଯାଇଛି । ସାଟେଲାଇଟ ଇମେଜରୁ ଜଙ୍ଗଲ ନିଆଁର ଖବର ଆସିଲେ ୧୫ ମିନିଟ ମଧ୍ୟରେ ନିଆଁ ଲିଭାଇବା ପାଇଁ ଉଦ୍ୟମ କରାଯାଉଛି ।

ଭିଜିଲାନ୍ସ ଜାଲରେ ହାଇସ୍କୁଲ ପ୍ରଧାନଶିକ୍ଷକ

କଟକ, ୨୨/୦୪ ନ୍ୟୁଜ ବ୍ୟୁରୋ

ଭିଜିଲାନ୍ସ ଜାଲରେ ହାଇସ୍କୁଲ ପ୍ରଧାନ ଶିକ୍ଷକ । ୧୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବରଗଡ଼ ଜିଲ୍ଲା କୁସନପୁରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ପ୍ରଧାନ । ସ୍ଥାନୀୟ ଏକ ଏସ୍‌ଏଚ୍‌ଜିର ଜଣେ କାର୍ଯ୍ୟକର୍ତ୍ତାଙ୍କ ଠାରୁ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ । ସ୍କୁଲ ପରିସରରେ ସଫେଇ ଓ ରାତିରେ ଜଗିବା କାର୍ଯ୍ୟ ବାବଦକୁ ଏହି ଏସ୍‌ଏଚ୍‌ଜିକୁ ମିଳିବାକୁ ଥିବା ପ୍ରାପ୍ୟ ସଂପର୍କିତ ଫାଇଲ୍ କାମ କରି ଦେବା ପାଇଁ ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ପ୍ରଧାନ ଲାଞ୍ଚ ମାଗିଥିଲେ । ଏନେଇ ସଂପୃକ୍ତ ଏସ୍‌ଏଚ୍‌ଜି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲା । ଯୋଜନା ଅନୁଯାୟୀ, ସୋମବାର ଏସ୍‌ଏଚ୍‌ଜିର ଜଣେ କାର୍ଯ୍ୟକର୍ତ୍ତା ପ୍ରଧାନ ଶିକ୍ଷକଙ୍କୁ ଲାଞ୍ଚ ବାବଦକୁ ୧୪ ହଜାର ଟଙ୍କା ଦେଇଥିଲେ । ସେହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ପ୍ରଧାନ ଶିକ୍ଷକଙ୍କୁ ଧରିଥିଲେ । ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି । ଲାଞ୍ଚ ନେଇ ଧରାପଡ଼ିବା ପରେ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ଉ କରାଯାଇଛି ।

ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ବିଜେପିର ଅଭ୍ୟାସ : ବିଜେଡି

ଭୁବନେଶ୍ୱର, ୨୨/୦୪ ନ୍ୟୁଜ ବ୍ୟୁରୋ
କେନ୍ଦୁଝର ବିଧାୟକ ତଥା ବିଜେପି ନେତା ମୋହନ ଚରଣ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି । ମୋହନ ଶିକ୍ଷାନୁଷ୍ଠାନରେ ରାଜନୈତିକ କାର୍ଯ୍ୟକ୍ରମ କରିଥିବା ଅଭିଯୋଗ ଆଣିଛି ବିଜେଡି । ଏନେଇ ସୋମବାର ଦିନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି ବିଜୁ ଜନତା ଦଳ । ମୋହନ ଚରଣଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ଦାବି କରିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବା ପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡ଼ି ମୁଖପାତ୍ର ମହିକ୍ଷାତା ମିଶ୍ର । ମହିକ୍ଷାତା କହିଛନ୍ତି ଯେ, ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବା ବିଜେପି ପ୍ରାର୍ଥୀଙ୍କର

ଅଭ୍ୟାସ ହୋଇଗଲାଣି । ଆମେ ପୂର୍ବରୁ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛୁ । ନିର୍ବାଚନ ପ୍ରକ୍ରିୟା ଓ ପ୍ରଚାରରେ ଶିଶୁଙ୍କୁ ସାମିଲ, ସରକାରୀ ଅନୁଷ୍ଠାନରେ ନିର୍ବାଚନ ସଭା କରିବା ନେଇ ଅଭିଯୋଗ କରିଛୁ । ସରକାରୀ କର୍ମଚାରୀଙ୍କୁ ଧମକ ଚମକ ନେଇ ଅଭିଯୋଗ ମଧ୍ୟ କରିଛୁ । ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବାରେ ବିଜେପି କେନ୍ଦୁଝର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ମଧ୍ୟ ସାମିଲ ହୋଇଛନ୍ତି । ସେ କହିଛନ୍ତି ଯେ, ଗତ ୨୦ ତାରିଖରେ କେନ୍ଦୁଝର ଜିଲ୍ଲାର ସଦର ବ୍ଲକର ପଦ୍ମପୁର ଗ୍ରାମପଞ୍ଚାୟତରେ ସରସ୍ୱତୀ ଶିଶୁ ମନ୍ଦିରରେ ରାଜନୈତିକ କାର୍ଯ୍ୟକ୍ରମ କରିଥିଲେ । ଶିକ୍ଷାନୁଷ୍ଠାନରେ ରାଜନୈତିକ କାର୍ଯ୍ୟକ୍ରମ ଆଚରଣ ବିଧିର ଉଲ୍ଲଂଘନ । ଶିକ୍ଷାନୁଷ୍ଠାନରେ ରାଜନୈତିକ କାର୍ଯ୍ୟକ୍ରମ କରିବା ନିନ୍ଦନୀୟ ଘଟଣା । ଆମେ ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛୁ । ବିଜେପିର ପ୍ରତିନିଧି ମାନେ ବାରମ୍ବାର ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛନ୍ତି । ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ସ୍ୱୟଂ ପ୍ରକାଶ ମହାପାତ୍ରା, ଓମ୍ ପ୍ରକାଶ ସାହୁ, ମଧୁସ୍ମିତା ନାୟକ, ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଯୋଗ୍ୟ ଯେ, ସେହିପରି ପୂର୍ବରୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ସମ୍ବଲପୁର ବିଧାନସଭା ବିଜେପି ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲା ବିଜେଡି ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ଉନ୍ମୁକ୍ତ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ଟାଇଁ ଟାଇଁ ଖରା : ପ୍ରଭାବିତ ହେଉଛି ପ୍ରାର୍ଥୀଙ୍କ ପ୍ରଚାର

ଭୁବନେଶ୍ୱର, ୨୩।୪
ନ୍ୟୁଜ୍ ବ୍ୟୁରୋ
ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଟାଇଁ ଟାଇଁ ଖରା ତାତିରେ ସାରା ରାଜ୍ୟ ସନ୍ତୁଳିତ ହେବାରେ ଲାଗିଛି । ଅଂଶୁଘାତ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ ସ୍ୱରୂପ ସ୍କୁଲ ଛୁଟି ଘୋଷଣା ମଧ୍ୟ କଲେଣି । ଅନୁରୂପ ଭାବେ ଗ୍ରୀଷ୍ମ ପ୍ରବାହ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସଭାସମିତି, ସମାବେଶ, ରାଲିକୁ ବାରଣ କରିବା ସହ ଦିନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରଚାର କାର୍ଯ୍ୟ ନ କରିବା ଲାଗି ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ପରାମର୍ଶ ମଧ୍ୟ ଦେଇଛନ୍ତି । ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦିନର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସୋମବାର ଖରାର ପ୍ରକୋପ ଏତେ ଭୟାନକ ହୋଇଥିଲା ଯେ, ଯେଉଁଥି ପାଇଁ ପିପିଲିରେ ନିର୍ବାଚନ ପ୍ରଚାର କରୁଥିବା ବେଳେ ବିଜେଡିର ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ସଞ୍ଜାହୀନ ହୋଇପଡିଥିଲେ । ଟାଣ ଖରା କାରଣରୁ ବିଭିନ୍ନ ସ୍ଥାନରେ ପ୍ରାର୍ଥୀଙ୍କ ପ୍ରଚାର କା